January 7-13, 2024 ₹ 2/-


# କେଶ ନ ଥାଇ ସୁନ୍ଦରୀ

ଏମାନେ କେଶ ହରାଇଛନ୍ତି ସତ,
ହେଲେ ଟାହିଟାପରା ଭୟରେ
ସମାଜଠୁ ମୁହଁ ଲୁଚାଇ ନାହାନ୍ତି ।
କେଶହୀନ ହୋଇ ବି ଆତ୍ମବିଶ୍ୱାସର
ସୌନ୍ଦର୍ଯ୍ୟକୁ ମୁହଁରେ ବୋଳିଛନ୍ତି।
ଖୋଲିକି ହସୁଛନ୍ତି । ଆଉ
ବଦଳାଇ ଦେଇଛନ୍ତି ସୌନ୍ଦର୍ଯ୍ୟର
ପରିଭାଷା...


ପ୍ରଚ୍ଛଦ ପ୍ରସଙ୍ଗ
୩




# କେଉଁ ଗଛ କେଉଁ ଦିଗରେ ଲଗାଇବା ଶୁଭ

**ଘରକୁ ଆକର୍ଷଣୀୟ ଲୁକ୍ ଦେବା ସହିତ ସୁସ୍ଥ ବାତାବରଣ ପାଇଁ ଆମେ ଘର ଭିତରେ ହେଉ ଅବା ବାହାରେ ବିଭିନ୍ନ ପ୍ରକାରର ଗଛ ଲଗାଇଥାଉ। ଆଉ ଏହି ଗଛକୁ ଯଦି ବାସ୍ତୁ ଅନୁଯାୟୀ ଠିକ୍ ଦିଗରେ ଲଗାଯାଏ ତା'ହେଲେ କି ସୁଫଳ ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...**

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଯେହେତୁ ଉତ୍ତର ଦିଗର ସ୍ୱାମୀ ହେଉଛନ୍ତି କୁବେର, ତେଣୁ ଏହି ଦିଗରେ ତୁଳସୀ ଗଛ, କଦଳୀ ଗଛ, ଗେଣ୍ଡୁ ଗଛ ଆଦି ଲଗାଇବା ଶୁଭ



ହୋଇଥାଏ। ଏହା ପରିବାର ଲୋକଙ୍କୁ ଚର୍ମରୋଗରୁ ସୁରକ୍ଷା ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି।

✲ ପୂର୍ବ ଦିଗରେ ସୂର୍ଯ୍ୟଦେବଙ୍କର ପ୍ରଭୁତ୍ୱ ରହୁଥିବାରୁ, ଏହି ଦିଗରେ ସବୁଜ ଘାସର ଗାଲିଚା କରିବା ଶୁଭଫଳ ଦେଇଥାଏ। ଏପରି କଲେ ପରିବାର ଲୋକଙ୍କୁ ସୂର୍ଯ୍ୟଦେବଙ୍କର କୃପା ଲାଭ ହେବା ସହ ସମାଜରେ ସେମାନଙ୍କର ଆତ୍ମସମ୍ମାନ, ଯଶ ଆଦି ବଢିଥାଏ। ତା'ସହିତ ସେମାନଙ୍କୁ ନୀରୋଗ ଜୀବନ ମଧ୍ୟ ପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ।

✲ ଘରର ଦକ୍ଷିଣ ଦିଗରେ ନାଲି ରଙ୍ଗର ଫୁଲ ଫୁଟୁଥିବା ଗଛ ଆଦିକୁ ଲଗାଇବା ଶୁଭ ହୋଇଥାଏ। ଏହାଦ୍ୱାରା ଘରକୁ କୌଣସି ପ୍ରକାରର ବାଧାବିଘ୍ନ ସହଜରେ ଆସି ନ ଥାଏ ବୋଲି ବିଶ୍ୱାସ ରହିଛି। ତା'ସହିତ ପରିବାର ଲୋକଙ୍କୁ ରକ୍ତ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାରୁ ଏହା ରକ୍ଷା କରିବାରେ ସାହାଯ୍ୟ କରିଥାଏ।

✲ ସେହିପରି ଘରର ପଶ୍ଚିମ ଦିଗରେ ଚମେଲି, ବେଲ, ଆଲୋଭେରା, ଭୃଙ୍ଗରାଜ ଗଛ ଆଦି ଲଗାଇଲେ ପରିବାରର ଲୋକଙ୍କୁ ମାନସିକ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୭-୧୩

**ମେଷ:** ସ୍ୱାସ୍ଥ୍ୟ ଭଲ ରହିବ, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ସ୍ଥଗିତ କାର୍ଯ୍ୟାରମ୍ଭ, ଭ୍ରମଣରେ ଯାଇପାରନ୍ତି, ସାମାଜିକ ପ୍ରତିଷ୍ଠା, ସଭାସମିତିକୁ ନିମନ୍ତ୍ରଣ, ଶୁଭଖବର ପ୍ରାପ୍ତି ଯୋଗ, ଯାନ୍ତ୍ରିକ ମରାମତି, ପାରିବାରିକ ଶାନ୍ତି, ରାଜନୈତିକ ଆଲୋଚନା ॥

**ବୃଷ:** ନୂଆ ଯୋଜନାର ଚିନ୍ତା, ବ୍ୟାଙ୍କ ଲୋନ୍ ପାଇବେ, ଆନୁଷ୍ଠାନିକ କର୍ମାରମ୍ଭ, ଜୀବନଚର୍ଯ୍ୟାରେ ଶୃଙ୍ଖଳା, ନୂତନ ବନ୍ଧୁ ସମ୍ପର୍କ, କର୍ମକ୍ଷେତ୍ରରେ ଗୌରବ, କଚେରୀ ମାମଲାରେ ଦୁଶ୍ଚିନ୍ତା, ମନୋରଞ୍ଜନ କାର୍ଯ୍ୟକ୍ରମ ॥

**ମିଥୁନ:** ଜନକଲ୍ୟାଣ କର୍ମାରମ୍ଭ, ଲୋକପ୍ରିୟତା ବୃଦ୍ଧି, ବନ୍ଧୁବର୍ଗଙ୍କ ପ୍ରଶଂସା, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଲାଭବାନ ହେବେ, ପାରିବାରିକ ବିତର୍କ, ସାଂଗଠନିକ ଆଲୋଚନା, ଖର୍ଚ୍ଚ ପରିମାଣ ବୃଦ୍ଧି, କ୍ରନିକ ରୋଗରେ ପୀଡା, ଯୋଗ ସାଧନାରେ ରୁଚି ॥

**କର୍କଟ:** ଦୈହିକ ଦୁର୍ବଳତା, ଆର୍ଥିକ ଦୁରବସ୍ଥା, ଭ୍ରାତୃ ସମ୍ପର୍କରେ ଉନ୍ନତି, କର୍ମକ୍ଷେତ୍ରରେ ଉନ୍ନତ ଚିନ୍ତା, ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ, ବ୍ୟବସାୟିକ ଉତ୍କର୍ଷ, ବ୍ୟବସାୟରେ ଅଗ୍ରଗତି ॥

**ସିଂହ:** ମାନସିକ ଅସ୍ଥିରତା, ବନ୍ଧୁଙ୍କ ପ୍ରତାରଣା, ପରିସ୍ଥିତି ବଦଳିଯିବ, ସ୍ଥାନାନ୍ତର ଘଟିପାରେ, ସାହିତ୍ୟାନୁରାଗୀ ହେବେ, ସଙ୍ଗଦୋଷରୁ ସମାଲୋଚନା, ପରିବହନରେ ଝଗଡା, ସନ୍ତାନଙ୍କ ବିଶୃଙ୍ଖଳା, ଅଭିଯୋଗ ଆସିପାରେ ॥

**କନ୍ୟା:** କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଆତ୍ମୀୟଙ୍କ ପ୍ରଶଂସା, ବିବାଦର ସମାଧାନ, ରୋଗପୀଡା କମିବ, ଶୁଭଖବର ପାଇବେ, ଅପ୍ରିୟ ସତ୍ୟ ଭାଷଣରୁ ଅଶାନ୍ତି, ଯାନବାହନରେ ତ୍ରୁଟି, ଯାତ୍ରାରେ ବିଳମ୍ବ, ଉପରିସ୍ଥଙ୍କ ତାଗିଦା, କୈଫିୟତ ତଲବ, ବ୍ୟବସାୟିକ ଉନ୍ନତି, ବିଦେଶଯାତ୍ରାର ସୁଯୋଗ ॥

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟାର ଦୁଶ୍ଚିନ୍ତା, ଆର୍ଥିକ ଦୁରବସ୍ଥା, କର୍ମଯୋଜନା କରିବେ, ରଚନାତ୍ମକ କର୍ମାରମ୍ଭ, ନୂତନବନ୍ଧୁ ସମ୍ପର୍କ ସୃଷ୍ଟି, ଅମୀମାଂସିତ ଆଲୋଚନା, ଅଭିଳାଷ ପୂରଣ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସରକାରୀ ସହାୟତାପ୍ରାପ୍ତି ॥

**ବିଛା:** ଅବହେଳାରୁ କର୍ମହାନୀ, ସୁଯୋଗ ହରାଇବେ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନୀ, ବ୍ୟବସାୟରେ ଅଗ୍ରଗତି, ମାଙ୍ଗଳିକ କାମର ପ୍ରସ୍ତୁତି, ଗବେଷଣାରେ ସଫଳତା, ଆଇନ ସହାୟତା ପାଇବେ, ପ୍ରତିଯୋଗୀତାରେ ସଫଳତା ॥

**ଧନୁ:** ସମୟାନୁବର୍ତ୍ତିତାରୁ ପ୍ରଶଂସା, ଆତ୍ମୀୟଙ୍କ ଆନ୍ତରିକତା, ବସ୍ତ୍ରାଳଙ୍କାର ପ୍ରାପ୍ତି, ସାଂସ୍କୃତିକ କାର୍ଯ୍ୟାରମ୍ଭ, ମନୋରଞ୍ଜନର ମଉକା, ଅପବ୍ୟୟର ଅନୁଚିନ୍ତା, ଲେଖାପଢାରେ କୁଶଳତା, ଅଶୌଚଖବର ପାଇପାରନ୍ତି, ଭ୍ରମଣରେ ବାଧା ॥

**ମକର:** ଆରୋଗ୍ୟ ଲାଭ, ବନ୍ଧୁବତ୍ସଳ ହେବେ, ପରୋପକାରରୁ ପ୍ରଶଂସା, ପଡୋଶୀଙ୍କ ପରାମର୍ଶ, ଲକ୍ଷ୍ୟସ୍ଥଳକୁ ଯାତ୍ରା, ବନ୍ଧୁଙ୍କ ଉଦାରତା, ସମସ୍ୟା ସମାଧାନ, ଉପରିସ୍ଥଙ୍କ ଅନୁକମ୍ପା, ଗୃହପୋଯୋଗୀ ଜମିଲାଭ, ଚୁକ୍ତିପତ୍ର ସମ୍ପାଦନ, ବୁଝାମଣାରେ ଉନ୍ନତି, ପରୋକ୍ଷ ଶତ୍ରୁତା ॥

**କୁମ୍ଭ:** କାର୍ଯ୍ୟରେ ବିଶୃଙ୍ଖଳା, ମାନସିକ ଅସ୍ଥିରତା, ପ୍ରତିକୂଳ ପରିସ୍ଥିତି, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ବିଭିନ୍ନ ସୂତ୍ରରୁ ଅର୍ଥଲାଭ, ମକଦ୍ଦମାରେ ବିଜୟ, ପ୍ରଶାସନିକ ତତ୍ପରତା, ସାଂସ୍କୃତିକ କାର୍ଯ୍ୟାରମ୍ଭ, ଆମଦାନୀ କାରବାର ବୃଦ୍ଧି, ହୋଟେଲ ଶିଳ୍ପରେ ଉନ୍ନତି ॥

**ମୀନ:** ଶାରୀରିକ ସୁସ୍ଥତା, ବ୍ୟୟ ସଂକ୍ରାନ୍ତୀୟ ଆଲୋଚନା, ମନସ୍ତାପ ଦୂର ହେବ, ପରିବାରରେ ମତାନ୍ତର, ଗୃହାରମ୍ଭର ଆଲୋଚନା, ସୀମା ବିବାଦର ସମାଧାନ, ବନ୍ଧୁମିଳନ, ମୂଲ୍ୟବାନ୍ ଜିନିଷ କ୍ରୟ, ବାଣିଜ୍ୟରେ ପ୍ରତିବନ୍ଧକ, ସତ୍ସଙ୍ଗର ସୁଯୋଗପ୍ରାପ୍ତି ॥

# ବାମ୍ବୋ ପ୍ଲାଣ୍ଟ ଓ ବାସ୍ତୁ

**ବା**ସ୍ତୁଶାସ୍ତ୍ର ଅନୁଯାୟୀ, ବାମ୍ବୋ ପ୍ଲାଣ୍ଟ ହେଉଛି ଏମିତି ଏକ ଗଛ; ଯାହା ସୁଖ-ସମୃଦ୍ଧି ବଢାଇବାରେ ବେଶ୍ ସହାୟକ ହୋଇଥାଏ। କେବଳ ବାସ୍ତୁଶାସ୍ତ୍ର ନୁହେଁ, ଫେଙ୍ଗଶୁଇରେ ବି ଏହି ଗଛକୁ ବହୁତ ଶୁଭ ବୋଲି କୁହାଯାଇଥାଏ। କୁହାଯାଏ, ଯେଉଁ ଘରେ ବାମ୍ବୋ ପ୍ଲାଣ୍ଟ ଥାଏ, ସେଠାରୁ ନକାରାତ୍ମକ ଊର୍ଜା ସହଜରେ ଦୂର ହୋଇଯାଏ। ବାସ୍ତୁ ବିଶେଷଜ୍ଞଙ୍କ ମତରେ, ଆର୍ଥିକ ସଙ୍କଟ ଦୂର କରିବା ପାଇଁ ଏହି ଗଛକୁ ଘରେ ହେଉ ଅବା ଅଫିସ୍‌ରେ ରଖିଲେ କୁଆଡ଼େ ଅନେକ ସୁଫଳ ମିଳିଥାଏ। ତେବେ ଘରେ ଏହି ଗଛକୁ ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଧନ ବୃଦ୍ଧି ହେଉଥିବାବେଳେ ଅଫିସ୍‌ରେ ଏହାକୁ ଉତ୍ତର ଦିଗରେ ରଖିଲେ କାରବାରରେ ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ଏହି ଗଛକୁ ସବୁବେଳେ ସଫା ସ୍ଥାନରେ ରଖିବା ଦରକାର। ତା'ସହିତ ନିୟମିତ ବ୍ୟବଧାନରେ ଏଥିରେ ରହୁଥିବା ପାଣିକୁ ବଦଳାଇବା



ମଧ୍ୟ ଆବଶ୍ୟକ। ସେହିପରି ବାମ୍ବୋ ପ୍ଲାଣ୍ଟର ଯେଉଁ ପତ୍ରଗୁଡ଼ିକ ହଳଦିଆ ପଡିଯାଉଥିବ ତାକୁ କାଟି ବାହାର କରିଦେବା ମଧ୍ୟ ଉଚିତ। ନଚେତ୍ ଏହାର କୁପ୍ରଭାବ ଘରର ସୁଖସମୃଦ୍ଧି ଉପରେ ପଡ଼ିଥାଏ ବୋଲି ବିଶ୍ୱାସ ରହିଛି।

# ପାଠକୀୟ

✲ ଡିସେମ୍ବର ୨୫କୁ ପ୍ରଭୁ ଯିଶୁଙ୍କର ଧରାବତରଣ ଦିନଭାବେ ସାରା ବିଶ୍ୱରେ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ତେବେ ଇତିହାସ ପୃଷ୍ଠା ଓଲଟାଇ ଦେଖିଲେ, ଏମିତି ବି କିଛି ରୋଚକ ଘଟଣା ସାମ୍ନାକୁ ଆସେ; ଯାହା ଖାସ୍ ଏହି ଡିସେମ୍ବର ୨୫ରେ ହିଁ ଘଟିଥିଲା; ସେସବୁକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ନିଆରା ଥିଲା। 'ସୁଖ- ସମୃଦ୍ଧି ବୃଦ୍ଧି ପାଇଁ', 'କିଙ୍ଗ୍ ଅଫ୍ ସ୍ଲାଇସେସ୍' ଶୀର୍ଷକ ପାଠରୁ ବହୁ ଅଜଣା କଥା ଜାଣିହେଲା। *– ମନସ୍ୱିନୀ ଧଳ, ଫୁଲନଖରା, କଟକ*

✲ ଡିସେମ୍ବର ୨୫; ପବିତ୍ର ଖ୍ରୀଷ୍ଟମାସ ଭାବେ ଏହା ପ୍ରସିଦ୍ଧ। କିନ୍ତୁ ଏହି ଶୁଭଦିନରେ ଆହୁରି ବି କିଛି ବିଶେଷ ଘଟଣାମାନ ଘଟିଥିଲା ଯାହା ଏବେବି ଅଭୁଲା ହୋଇ ରହିଛି। ସେସବୁ ଘଟଣାଗୁଡ଼ିକୁ ନେଇ ପ୍ରସ୍ତୁତ କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ ଗପ, କବିତାଗୁଡ଼ିକ ବି ବେଶ୍ ମନଛୁଆଁ ହୋଇଥିଲା।
*– ତନୁଜା ପ୍ରଧାନ, ଡୁମୁଡୁମା, ଭୁବନେଶ୍ୱର*

✲ ସିନେମା ପୃଷ୍ଠାରେ ସ୍ଥାନିତ 'ବସ୍', 'ଶାଢ଼ି ପ୍ରିୟ ତମନ୍ନା', 'ପୂଜାର୍ଚ୍ଚନାରେ ବ୍ୟସ୍ତ', 'ଫାଇଟର୍' ଶୀର୍ଷକ ପାଠଗୁଡ଼ିକ ଯେତିକି ତଥ୍ୟପୂର୍ଣ୍ଣ ଥିଲା ସେତିକି ମଜାଦାର୍ ବି ଲାଗୁଥିଲା। 'ସ୍ମୃତିରେ ୨୦୨୩' ଶୀର୍ଷକ ପାଠଟିକୁ ବି ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। ସାହିତ୍ୟିକ ରାଧାମୋହନ ପାଣିଗ୍ରାହୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ଥିଲା। *– ଲୋକନ ପରିଡ଼ା, ଚକ୍ରତୀର୍ଥ ରୋଡ, ପୁରୀ*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିକ୍ଷାବିତ୍, ବୈଦିକ ପ୍ରଚାରକ, ଲେଖକ, କର୍ମକାଣ୍ଡ ବିଶାରଦ, ବେଦଜ୍ଞ ପଣ୍ଡିତ ତଥା ସମାଜ ମାର୍ଗଦର୍ଶକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ଜ୍ୟୋସ୍ନା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଦାର୍ ଥିଲା। *– ଭୁବନେଶ୍ୱରୀ ମିଶ୍ର, ମୟୂରଭଞ୍ଜ*

✲ ଖ୍ରୀଷ୍ଟମାସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଯିବ ତାହା ସହର ପୃଷ୍ଠାରୁ ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'କାହିଁକି ସଜାଯାଏ କ୍ରିସ୍‌ମସ୍ ଟ୍ରି' ଏବଂ 'ପବନରେ ଭାସୁଛି କି ଡଙ୍ଗା!' ଆଦି ପାଠଗୁଡ଼ିକ ଯେତିକି ମଜାଦାର୍ ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। *– ସୋନାଲି ବାଗ୍, ବମିଖାଲ, ଭୁବନେଶ୍ୱର*

✲ ଏଥରର ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ହାପି ନ୍ୟୁ ଇଅର୍ ଟୁ ୟୁ'ଶୀର୍ଷକ ଆଲେଖ୍ୟଟି ଏକ ନିଆରା ଆଲେଖ୍ୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଦାଢିକୁ ସଜାଇଲେ କ୍ରିସ୍‌ମସ୍ ଟ୍ରି ପରି', 'କାର୍ ମଡେଲ ସାଜିଛି ବିଲେଇ', 'ରାତ୍ରିଚର ମାଙ୍କଡ଼' ଶୀର୍ଷକ ଲେଖାଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହ ଆଶ୍ଚର୍ଯ୍ୟକର ବି ଲାଗୁଥିଲା। *– ପ୍ରୀତିରଞ୍ଜନ, ବଲାଙ୍ଗୀର*




## ବିଶେଷ ଚିଠି

ଡିସେମ୍ବର ୨୫କୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
ଲାଗୁଥିଲା ଭାରି ବଢ଼ିଆ
ମନେ ଭରିଲା ଆନନ୍ଦ।
ସାଥୀର ଉତ୍ତର ବି ଲାଗୁଥିଲା
ଭାରି ଚମତ୍କାର,
ବିବିଧା, ବ୍ୟାକ୍‌ପେଜ୍‌ର ପାଠ ବି
ମନକୁ କରୁଥିଲା ବିଭୋର।
ହେ ମୋର ପ୍ରିୟ ଛୁଟିଦିନ
ତୁମେ ସମସ୍ତଙ୍କ ଭିତରେ ସର୍ବୋତ୍ତମ।
*– ରାକେଶ ସାହୁ, ଜଟଣୀ, ଖୋର୍ଦ୍ଧା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

ଏମାନେ କେଶ ହରାଇଛନ୍ତି ସତ, ହେଲେ ଟାହିଟାପରା ଭୟରେ ସମାଜଠୁ ମୁହଁ ଲୁଚାଇ ନାହାନ୍ତି । କେଶହୀନ ହୋଇ ବି ଆତ୍ମବିଶ୍ୱାସର ସୌନ୍ଦର୍ଯ୍ୟକୁ ମୁହଁରେ ବୋଳିଛନ୍ତି। ଖୋଲିକି ହସୁଛନ୍ତି । ଆଉ ବଦଳାଇଦେଇଛନ୍ତି ସୌନ୍ଦର୍ଯ୍ୟର ପରିଭାଷା...

# କେଶ ନ ଥାଇ ସୁନ୍ଦରୀ

ଜନ୍ମରୁ ମୃତ୍ୟୁ ଯାଏ ନାରୀର ସାଥେ ସାଥେ ଥିବା ଏକମାତ୍ର ଅଳଙ୍କାର ହେଉଛି କେଶ । ଏଇ କେଶ ଯେତେ ଘନ ଓ ଲମ୍ବା ନାରୀ ଲାଗେ ସେତିକି ଆକର୍ଷଣୀୟ। ସେଇଥିପାଇଁ ତ କେଶବତୀ ନାରୀଙ୍କୁ ନେଇ ଲେଖାଯାଇଛି କେତେ କବିତା, କେତେ କାହାଣୀ । ଏମିତି ବି କୁହାଯାଇପାରେ ନାରୀ ସୌନ୍ଦର୍ଯ୍ୟ ଯେମିତି କେଶ ବିନା କଳନା କରାଯାଇ ନ ପାରେ । ହେଲେ ସତରେ କ'ଣ କେଶ ହିଁ ନାରୀ ସୌନ୍ଦର୍ଯ୍ୟର ପରିଭାଷା ? ଯୁଗ ଯୁଗରୁ ତ ଏଇୟା ହିଁ ପ୍ରମାଣିତ ହୋଇଆସିଛି । ହେଲେ ଏବେ କେତେଜଣ ନାରୀ ସୌନ୍ଦର୍ଯ୍ୟର ଏହି ପରିଭାଷାରେ ଆଣିଛନ୍ତି ପରିବର୍ତ୍ତନ । ଦେଖାଇ ଦେଇଛନ୍ତି ଯେ, ବିନା କେଶରେ ବି ସେମାନେ ସୁନ୍ଦରୀ...

**ସୁନ୍ଦରତା କେଶରେ ନୁହେଁ, ଆତ୍ମବିଶ୍ୱାସରେ ଥାଏ:** ଗୋଡ଼ରେ ହାତରେ ମେହେନ୍ଦି, କପାଳରେ ବିନ୍ଦି, ଦେହରେ ନାଲି ଶାଢ଼ି ସାଙ୍ଗକୁ ହାତରେ ନାଲିଚୁଡି । ପୁଣି ଓଠରେ ସୁନ୍ଦର ହସ । ଏଇ ସୁନ୍ଦର କନିଆକୁ ଯିଏ ଦେଖିଲା ଆଖି ଲାଖି ରହିଗଲା । କାରଣ ସବୁ କନିଆଠୁ ସେ ଲାଗୁଥିଲେ କିଛି ନିଆରା । ଭାବୁଥିବେ ସବୁ କନିଆ ତ ଏମିତି ଲାଗନ୍ତି । ତେବେ ଏଇ କନିଆ ଖାସ୍ କ'ଣ ପାଇଁ । କାରଣ ସବୁ କନିଆଙ୍କ ପରି ତାଙ୍କର ନ ଥିଲା ଲମ୍ବା କେଶ । ଅର୍ଥାତ୍ ସେ ଥିଲେ କେଶ ନ ଥିବା କନିଆ । ତଥାପି ତାଙ୍କ କନିଆ ବେଶ ସମସ୍ତଙ୍କ ମନକୁ ମୋହିବାରେ ସକ୍ଷମ ହୋଇଥିଲା । ଏଇ କନିଆ ଜଣଙ୍କ ହେଉଛନ୍ତି ତାମିଲନାଡୁର **ବୈଷ୍ଣବୀ ପୁଭାନେନ୍ଦ୍ରନ,** ଯେକି ମାଲେସିୟାରେ ରୁହନ୍ତି । ସ୍ନେହରେ ସମସ୍ତେ ତାଙ୍କୁ ନଭି ବୋଲି କୁହନ୍ତି। ତାଙ୍କ ହସ ହସ ମୁହଁକୁ ଦେଖିଲେ କେହି ଜାଣିପାରିବେନି ଜୀବନ ତାଙ୍କର କେତେ ଯନ୍ତ୍ରଣାଭରା ବୋଲି । ହେଲେ ସେ ସବୁ କଷ୍ଟକୁ ସାହସର ସହ ସାମ୍ନା କରିଛନ୍ତି । ଆଉ କ୍ୟାନ୍ସରକୁ ଥରେ ନୁହେଁ ଦୁଇ ଦୁଇ ଥର ହରାଇଛନ୍ତି । ନଭି କୁହନ୍ତି, ''ମୋତେ ଯେତେବେଳେ ୨୨ ବର୍ଷ ବୟସ, ମୁଁ ଜାଣିବାକୁ ପାଇଲି ଯେ ମୋତେ ସ୍ତନ କର୍କଟ ହୋଇଛି । ଆଉ କ୍ୟାନ୍ସର ତୃତୀୟ ଷ୍ଟେଜ୍‌ରେ ଅଛି । ଚିକିତ୍ସା ଚାଲିଲା । ସ୍ତନକୁ ଅସ୍ତ୍ରୋପଚାର କରି ବାହାର କରିଦିଆଗଲା । ଦୁଇ ବର୍ଷ ଚିକିତ୍ସା ପରେ ଡାକ୍ତର ମୋତେ କ୍ୟାନ୍ସର ମୁକ୍ତ ବୋଲି କହିଲେ । ମୁଁ ଓ ମୋ ପରିବାର ବହୁତ ଖୁସିଥିଲୁ । ହେଲେ ଦୁର୍ଭାଗ୍ୟବଶତଃ ମାସ କେଇଟା ପରେ କ୍ୟାନ୍ସର ପୁଣି ଫେରିଲା । ଏଥର ମୋର ଯକୃତ ଓ ମେରୁଦଣ୍ଡ କ୍ୟାନ୍ସରରେ ଆକ୍ରାନ୍ତ ହୋଇଥିଲା । ତିନିବର୍ଷର ଯନ୍ତ୍ରଣାଦାୟକ ଚିକିତ୍ସା ପରେ ମୁଁ କ୍ୟାନ୍ସରକୁ ପୁଣିଥରେ ହରାଇବାରେ ସଫଳ ହେଲି । ହେଲେ ଦୁଇ ଦୁଇ ଥର କ୍ୟାନ୍ସର ଚିକିତ୍ସା ପରେ ମୁଁ ମୋର କେଶ ସହ ସୁନ୍ଦରତା ବି ହରାଇଥିଲି । ନୂଆ ଜୀବନ ପାଇଥିଲି ସତ ହେଲେ ଖୁସି ନ ଥିଲି । ଏଭଳି କେଶହୀନ ସୌନ୍ଦର୍ଯ୍ୟ ହରାଇଥିବା ନାରୀକୁ ଯେ ସମାଜ ଗ୍ରହଣ କରିବ, ମୋତେ ବା କିଏ ଭଲ ପାଇବ ଓ ବିବାହ କରିବ ସେ କଥା ଭାବି ଭାବି ଭାଙ୍ଗି ପଡୁଥିଲି । ଶେଷରେ କିନ୍ତୁ ମୁଁ ମୋ ମନକୁ ଦୃଢ଼ କରି ନିଷ୍ପତ୍ତି ନେଲି ଯେ, ମୋ ପାଖରେ ଯାହା ଅଛି ତାକୁ ନେଇ ସନ୍ତୁଷ୍ଟ ହେବି ଓ ଆଗକୁ ବଢ଼ିବି । ସେଇଥିପାଇଁ ମୁଁ ମୋର ଏକ ବ୍ରାଇଡାଲ ଫଟୋଶୁଟ୍ କରାଇଥିଲି ।'' ଏହି ବ୍ରାଇଡାଲ ଶୁଟ୍‌ରେ ନଭି କେଶରେ ଗଜରା ଓ ସୁନ୍ଦର ହେୟାରଷ୍ଟାଇଲ ସିନା କରିପାରି ନ ଥିଲେ, ହେଲେ ସକାରାତ୍ମକ ମନୋଭାବ ଓ ଆତ୍ମବିଶ୍ୱାସ ଯୋଗୁ ବେଶ୍ ସୁନ୍ଦର ଦେଖାଯାଉଥିଲେ । କୌଣସି ଫଟୋରେ ସେ ନିଜର କେଶବିହୀନ ମୁଣ୍ଡକୁ ଲୁଚାଇ ନ ଥିଲେ । ଆଉ ଚେହେରାରେ ଥିଲା ସୁନ୍ଦର ଖୋଲା ହସ । ତେଣୁ ତାଙ୍କର ଫଟୋସବୁ ସମସ୍ତଙ୍କ ମନ ଜିଣିପାରିଥିଲା ।

**ବାଲ୍ଡ ଇଜ୍ ବିୟୁଟିଫୁଲ୍ ବୋଲି ପ୍ରମାଣ କଲେ:** ମାତ୍ର ୬ ମାସର ହୋଇଥିବାବେଳେ ଆମେରିକାରେ ରହୁଥିବା ଦେସି ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର **ନୀହାର ସଚଦେବା** ଆଲୋପସିଆ ନାମକ ରୋଗରେ ଆକ୍ରାନ୍ତ ହୋଇଥିଲେ । ତେଣୁ ଛୋଟ ବେଳୁ ହିଁ ତାଙ୍କର କେଶ ଝଡ଼ିବା ସମସ୍ୟା ଥିଲା । ଯେଉଁମାତ୍ରାରେ କେଶ ଝଡୁଥିଲା ସେହି ମାତ୍ରାରେ କେଶ ଉଠୁ ନ ଥିଲା । ତେଣୁ ଠାଏ ଠାଏ କେଶ ରହୁ ନ ଥିଲା । ସ୍କୁଲରେ ପିଲାମାନେ ତାଙ୍କୁ ବହୁତ ଚିଡାଉଥିଲେ । ତେଣୁ ଖୁବ୍ କମ୍ ବୟସରୁ ସେ ୱିଗ୍ ପିନ୍ଧିବାକୁ ବାଧ ହେଲେ । ନୀହାର କୁହନ୍ତି, 'ଏଲିମେଣ୍ଟାରି ସ୍କୁଲ ପର୍ଯ୍ୟନ୍ତ ମୁଁ ୱିଗ ପିନ୍ଧିଲି । ପରେ କେଶ ଉଠିବା ଆରମ୍ଭ ହେଲା । ଗହଳ କେଶ ବି ହେଲା । କିନ୍ତୁ ଏହା ଖୁବ୍ କମ୍ ଦିନ ପାଇଁ ଥିଲା । ୬ ମାସ ପରେ ପୁଣିଥରେ ପ୍ରବଳ କେଶ ଝଡିବା ଆରମ୍ଭ ହେଲା । ପ୍ୟାଚ୍ ପ୍ୟାଚ୍ ହୋଇ କେଶ ଝଡିଲା । ତେଣୁ ପୁଣିଥରେ ୱିଗ ପିନ୍ଧିବାକୁ ପଡ଼ିଲା । ପରିବାର ଲୋକେ ମୋର ଏହି ସମସ୍ୟାକୁ ସାଇପଡିଶା, ବନ୍ଧୁବାନ୍ଧବଙ୍କଠାରୁ ଲୁଚାଇ ରଖୁଥିଲେ । ବଡ଼ ହେବା ପରେ ବି ଏହି ସମସ୍ୟା ସହ ମୋର ସଂଘର୍ଷ ଜାରିରହିଲା । ଶେଷରେ ଭାବିଲି କେତେଦିନ ଆଉ ମୁଁ ୱିଗ ପଛରେ ନିଜର ବାସ୍ତବତାକୁ ଲୁଚାଇ ରଖିବି । ତେଣୁ ନିଷ୍ପତ୍ତି ନେଲି ସମ୍ପୂର୍ଣ୍ଣଭାବେ ଲଣ୍ଡା ହେବି । ଭଉଣୀର ନିର୍ବନ୍ଧ ଦିନ ମୁଁ ସମସ୍ତଙ୍କ ସାମ୍ନାରେ ନିଜ ରୋଗ ସମ୍ପର୍କରେ କହିଲି । ଆଉ ଜଣାଇଲି ଯେ ମୁଁ ଏବେ ମୁକ୍ତ ଜୀବନ ଜିଇବାକୁ ଚାହେଁ । ତେଣୁ ଲଣ୍ଡା ହେବି । ଏହି ନିଷ୍ପତ୍ତିରେ ମୋ ଜେଜେମା' ଓ ମା' ସହମତ ହୋଇ ନ ଥିଲେ । ସେମାନଙ୍କୁ ଡର ଥିଲା ସମାଜ ମୋତେ କେମିତି ଗ୍ରହଣ କରିବ । ତେଣୁ ଜେଜେମା କହିଲେ, 'ଲୋକେ ନାନା କଥା କହିବେ । କିଏ ବା ଲଣ୍ଡା ଝିଅକୁ ବାହା ହେବ ।' ସେତେବେଳେ ଏହାର ଜବାବରେ ମୁଁ କହିଲି, ଯଦି ମୋ ମୁଣ୍ଡରେ କେଶ ନ ଥିବାରୁ ଜଣେ ବାହା ହେବାକୁ ରାଜି ନ ହୁଅନ୍ତି, ତେବେ ମୁଁ ବି ତାକୁ କାହିଁକି ବାହା ହେବି । ଆଉ ନିଜ ନିଷ୍ପତ୍ତିରେ ଅଟଳ ରହିଲି । ତେବେ ଏଥିରେ ବାପା ମୋତେ ସପୋର୍ଟ କଲେ । ମୁଁ ଲଣ୍ଡା ହେବା ସହ ବାପା ବି ମୋ ପାଇଁ ଲଣ୍ଡା ହୋଇଥିଲେ । ପରେ ଧୀରେ ଧୀରେ ଲୋକଙ୍କର ସମର୍ଥନ ମୋ ପ୍ରତି ଆସିବାକୁ ଲାଗିଲା । ଅନେକେ ମୋ ପାଖକୁ ଆସିଲେ ମୋର ପରାମର୍ଶ ନେବାକୁ । ଦେଖୁ ଦେଖୁ ନୀହାର ଅନେକଙ୍କ ଆଦର୍ଶ ପାଲଟିଗଲେ ।



ଅକ୍ଷୟା



ଅକ୍ଷୟା ନବନୀତନ



ନୀହାର ସଚଦେବା

→

ମୂଳ ଭାରତୀୟ ନୀହାର ଏଇ କିଛି ବର୍ଷ ହେବ ମିଡିଆରେ ଲଣ୍ଡାପଣର ପ୍ରତିନିଧିତ୍ୱ କରୁଛନ୍ତି। ଆଲୋପସିଆ ସମ୍ପର୍କରେ ଲୋକଙ୍କୁ ଅଧିକରୁ ଅଧିକ ଜଣାଉଛନ୍ତି। ବିୟୁଟି ଷ୍ଟାଣ୍ଡାର୍ଡକୁ ନେଇ ଥିବା ଷ୍ଟେରିୟୋଟାଇପ୍‌କୁ ଭାଙ୍ଗିବା ତଥା ବଦଳାଇବାକୁ ଚେଷ୍ଟା କରୁଛନ୍ତି। ସେ 'ବ୍ରାଉନ ଗର୍ଲ' ମାଗାଜିନ୍‌ର କଭର ଷ୍ଟୋରି ପାଇଁ 'ବାଲ୍ଡ ବ୍ରାଇଡ'ର ଫଟୋଶୁଟ୍ ବି କରାଇଥିଲେ। ଯାହା ମାଧ୍ୟମରେ ସେ ସମସ୍ତଙ୍କୁ ଜଣାଇବାକୁ ଚାହୁଁଥିଲେ ଯେ 'ବାଲ୍ଡ ଇଜ୍ ବିୟୁଟିଫୁଲ୍'। ଲମ୍ବା କେଶ ଥିଲେ ହିଁ କନିଆ ଯେ ସୁନ୍ଦର ଲାଗନ୍ତି ସେହି ଧାରଣାକୁ ସେ ବଦଳାଇଥିଲେ ଏହି ଫଟୋଶୁଟ୍ ମାଧ୍ୟମରେ। ଏହି ଫଟୋଶୁଟ୍‌ରେ ସେ ବିନା କେଶରେ ବି ଏତେ ସୁନ୍ଦର କନିଆ ହୋଇଥିଲେ ଯେ, ତାଙ୍କ ଫଟୋଗୁଡ଼ିକ ଭାଇରାଲ ହୋଇଥିଲା। ଏବେ ସେ ନିଜର କେଶ ନ ଥିବା ମୁଣ୍ଡକୁ ନେଇ ବିନ୍ଦାସରେ ଜିଉଛନ୍ତି। ନିଜର ଭିନ୍ନ ଭିନ୍ନ ପୋଜ୍‌ର ଫଟୋ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ଆଲୋପସିଆ ରୋଗରେ ଆକ୍ରାନ୍ତ ଅନେକ ମହିଳାଙ୍କୁ ଜୀବନକୁ ଖୋଲି ଜିଇବାର ବାର୍ତ୍ତା ଦେଉଛନ୍ତି।

**ଲଣ୍ଡାମୁଣ୍ଡ ମୋ ବ୍ୟକ୍ତିତ୍ୱ ପାଲଟିଛି:** 'ମୁଁ ଲଣ୍ଡା ହୋଇ ଖୁବ୍ କମ୍ଫର୍ଟେବଲ ଫିଲ୍ କରୁଛି। ଏହା ସତ। ମିଛ ନୁହେଁ । ବରଂ ଏଇ ଲୁକ୍ ମୋ ବ୍ୟକ୍ତିତ୍ୱ ଓ ପରିଚୟ ବଦଳାଇ ଦେଇଛି। ଆଜି ମୁଁ ଯେଉଁ ସ୍ଥାନରେ ଅଛି କେବଳ ଏହି ଲୁକ୍ ପାଇଁ। ମୁଁ ମୋ ନିଜକୁ ନେଇ ଗର୍ବିତ,' ବୋଲି କୁହନ୍ତି ବେଙ୍ଗାଲୁରୁର **ପାରୋମିତା ଗୁପ୍ତା**। ପାରୋମିତାଙ୍କ ଘର କଲିକତା। ହେଲେ ଦାର୍ଜିଲିଂରେ ତାଙ୍କର ପିଲାଦିନ ବିତିଥିଲା। ତାଙ୍କ ବାପା ଚା କମ୍ପାନୀରେ କାମ କରୁଥିଲେ। ତେଣୁ ଅଧିକାଂଶ ସମୟ ବାହାରକୁ ଯାଉଥିଲେ। ସେଥିପାଇଁ ସେ ପାରୋମିତା ଓ ତାଙ୍କ ଭଉଣୀଙ୍କୁ କୁର୍ସିଓଙ୍ଗର ଏକ ଆବାସିକ ସ୍କୁଲକୁ ପଢିବାକୁ ପଠାଇଥିଲେ। ପାରୋମିତା କୁହନ୍ତି,'ସେହି ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢିବାବେଳେ ଥରେ ଶୀତ ଛୁଟି ପରେ ସକାଳେ ଉଠି ଦେଖିଲି ତକିଆ ସାରା ମୋର କେଶ ଝଡ଼ି ତକିଆ ଦେଖାଯାଉ ନ ଥିଲା। ଗାଧୋଇବାବେଳେ ମେଞ୍ଚା ମେଞ୍ଚା କେଶ ଝଡ଼ିଲା। ଏମିତିକି ଛୁଇଁଲେ ବି ମେଞ୍ଚା ମେଞ୍ଚା କେଶ ଉପୁଡିଲା। ଆଉ ଦେଖୁ ଦେଖୁ ଦିନ କେଇଟାରେ ମୁଁ ପୂରା ଲଣ୍ଡା ହୋଇଗଲି। ସ୍କୁଲରେ ମୋତେ ପିଲାମାନେ ବହୁତ ଚିଡାଉଥିଲେ। ବାପା ମା' ଏକଥା ଜାଣିବା ପରେ ମୋର କେଶ ପୁଣି ବଢ଼ାଇବା ଲାଗି ଆୟୁର୍ବେଦ, ହୋମିଓପାଥି, ଘରୋଇ ଉପଚାର ସବୁପ୍ରକାରର ଚେଷ୍ଟା କଲେ। ହେଲେ ସମ୍ଭବ ହେଲାନି। ଠିକ୍‌ଭାବେ ଜଣାପଡୁ ନ ଥିଲା ମୋର କ'ଣ ହୋଇଥିଲା। ତେବେ ଶିଲିଗୁଡିର ତଳହଟି ସହରର ଜଣେ ବିଶେଷଜ୍ଞ କହିଲେ ମୋର ଆଲୋପସିଆ ହେଇଛି। ଏଣେ ସ୍କୁଲରେ ସମସ୍ତେ ଚିଡାଉଥିବାରୁ ୧୦ମ ଶ୍ରେଣୀରେ ସ୍କୁଲ ବଦଳାଇବାକୁ କହିଲି। ହେଲେ ନୂଆ ସ୍କୁଲରେ ତ ସ୍ଥିତି ଅଧିକ ଖରାପ ହେଲା। ୧୫ ବର୍ଷର ଲଣ୍ଡା ଝିଅକୁ ଦେଖି ସମସ୍ତେ ଚକିତ ହୋଇଗଲେ। ନାନା ପ୍ରକାର କଥା ଶୁଣିବା ସହ ଉପହାସର ଶିକାର ହେଲି। ବାପାଙ୍କର ଅବସର ପରେ ଆମେ କଲିକତା ଗଲୁ। ସେଠି ଜଣେ ଡାକ୍ତର ମୋର କେଶ ଉଠିବ ବୋଲି ଆଶ୍ୱାସନା ଦେଲେ। ଇଞ୍ଜେକ୍ସନ ମେଡିସିନ ଦ୍ୱାରା କେଶ ଉଠିଲା ମଧ୍ୟ। କଲେଜ ବେଳକୁ ଘନ କେଶ ହୋଇଯାଇଥିଲା। ଆଉ ଆତ୍ମବିଶ୍ୱାସର ସହ କଲେଜ ଗଲି। କିନ୍ତୁ ଆଲୋପସିଆର ଲକ୍ଷଣ ହେଉଛି କେଶ ଝଡିବ, ପୁଣି ବେଳେବେଳେ ଉଠିବ ମଧ୍ୟ। ତେଣୁ କେଶ ଝଡ଼ିବା ଆରମ୍ଭ ହେଲେ ପୁଣିଯାଇ ଚିକିତ୍ସିତ ହେଉଥିଲି। ପରେ ମାଷ୍ଟର ଡିଗ୍ରୀ ପାଇଁ ବେଙ୍ଗାଲୁରୁ ଗଲି। ସେଠାରେ ବି ପୁଣିଥରେ ସେହି ସମସ୍ୟା ଦେଖାଦେଲା। ଶେଷରେ ନିଷ୍ପତ୍ତି ନେଲି ବହୁତ ହୋଇଗଲା, ଆଉ ନୁହେଁ। କେଶ ପାଇଁ ବହୁତ କଷ୍ଟ ପାଇଲିଣି। ଏବେ ୟା'ଠୁ ମୁକ୍ତି ପାଇବି। ଆଉ ନିଷ୍ପତ୍ତି ନେଲି ଲଣ୍ଡା ହେବି। ଇଞ୍ଜେକ୍ସନ, ଔଷଧ ବନ୍ଦ କରିବି। ସେତେବେଳେ ମୁଁ ଚାକିରି କରୁଥାଏ। ଅଫିସ୍‌ରେ ମୁଁ ମୋ ନିର୍ଣ୍ଣୟ ସମସ୍ତଙ୍କୁ ଜଣାଇଲି। ସମସ୍ତେ ସହଯୋଗ କଲେ। ଅଫିସରେ କେହି ତାଚ୍ଛଲ୍ୟ କରି ନାହାନ୍ତି କି ଅଜବ ନଜରରେ ଦେଖିନାହାନ୍ତି। ହେଲେ ବାହାରେ ଲୋକେ ପଚାରନ୍ତି ମୋ ମୁଣ୍ଡରେ ଚୁଟି କାହିଁକି ନାହିଁ ବୋଲି। କେହି କେହି ମୋର ଏଇ ନିଷ୍ପତ୍ତି ଭୁଲ୍ ବୋଲି ବି କୁହନ୍ତି। ହେଲେ ଏସବୁକୁ ଆଡ଼େଇ ମୁଁ ମୋ ନିଜ ଲକ୍ଷ୍ୟ ଧାର୍ଯ୍ୟ କରି ଆଗେଇବାକୁ ଚେଷ୍ଟା କଲି। ପିଲାଙ୍କ ବହି ଲେଖିବା ସହ ବହି ଡିଜାଇନ କଲି, ହିମାଳୟ ଅଞ୍ଚଳରେ ଏକ କାଫେ ଖୋଲିଲି। ଲାଇଭ ସଙ୍ଗୀତ ଗାଇବା ସହ ପୁସ୍ତକାଳୟ ଖୋଲିଲି। ଭଉଣୀ ସହ ମିଶି ଏକ ପ୍ରାଣୀ ଆଶ୍ରୟସ୍ଥଳ ବି କଲି। ଯେଉଁ ମହିଳାମାନେ ମୋ ଭଳି ସମସ୍ୟା ଦେଇ ଗତି କରୁଛନ୍ତି ତାଙ୍କୁ ମୁଁ ସାହାଯ୍ୟ କରୁଛି। ଆଉ କୋଓ୍ୱାର୍କ ଫାଉଣ୍ଡରି କମ୍ପାନୀର ମାର୍କେଟିଂ ଇନିସିଏଟିଭ୍ ହେଡ୍ ଭାବେ କାମ କରୁଛି। ଦୀର୍ଘ ୨୮ ବର୍ଷ ଧରି ଆଲୋପସିଆ ରୋଗ ସହ ଜିଇବା ଏତେ ସହଜ ନୁହେଁ। ତଥାପି ସଂଘର୍ଷ କରି ଆଗକୁ ବଢିଚାଲିଛି। ଏବେ ପୁଣି ମୁଁ ଭିଟିଲିଗୋରେ ଆକ୍ରାନ୍ତ ହୋଇଛି। ଦିନକୁ ଦିନ ସୌନ୍ଦର୍ଯ୍ୟ ହରାଉଛି। ତଥାପି ଖୁସିରେ ଜିଇବାକୁ ଚେଷ୍ଟା କରୁଛି।

**କେଶହୀନାଙ୍କ ପାଇଁ ନିଜେ ହେଲେ ଲଣ୍ଡା:** ନାରୀ ପାଇଁ କେଶର ମହତ୍ତ୍ୱ କେତେ ତାହା ସମସ୍ତେ ଜାଣନ୍ତି। କହିବାକୁଗଲେ ତା'ର ପ୍ରଥମ ଭଲ ପାଇବା ହେଉଛି ତା'ର କେଶ। ତେଣୁ କେଶ କେମିତି ସୁନ୍ଦର ଓ ସୁସ୍ଥ ରହିବ ସେଥିପାଇଁ ସେ ଆଜୀବନ ଚେଷ୍ଟା କରେ। ପ୍ଲସ ସାଇଜ୍ ମଡେଲ **ଅକ୍ଷୟା ନବନୀତନ** ବି ନିଜ କେଶକୁ ଖୁବ୍ ଭଲ ପାଉଥିଲେ। କିନ୍ତୁ କ୍ୟାନ୍ସର ରୋଗୀଙ୍କ ପାଇଁ ସେ ନିଜ କେଶକୁ ଦାନ କଲେ। ଏହା କରିବା ତାଙ୍କ ପକ୍ଷେ ଏତେ ସହଜ ନ ଥିଲା। ପ୍ରଥମତଃ ସେ ଜଣେ ମଡେଲ। ଦ୍ୱିତୀୟରେ ସେ ଚେନ୍ନାଇର ଏକ ହିନ୍ଦୁ ବ୍ରାହ୍ମଣ ପରିବାରର ଝିଅ। ତେଣୁ ଯେଉଁଠି ଝିଅମାନେ କେଶ କାଟିବା ବର୍ଜିତ ସେଠି ସେ ଲଣ୍ଡା ହୋଇଥିଲେ। ବହୁତ ବିରୋଧ ସତ୍ତ୍ୱେ ସେ ଏହି ପଦକ୍ଷେପ ନେଲେ। ଆଉ ଏକ ବ୍ରାଇଡାଲ ଫଟୋଶୁଟ୍ କରାଇଲେ। ସେହି ଫଟୋକୁ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କଲେ। ଲୋକେ ତାଙ୍କୁ ଟ୍ରୋଲ କରିବା ପରିବର୍ତ୍ତେ ବହୁତ ପ୍ରଶଂସା କରିଥିଲେ। ତାଙ୍କ ମତରେ ସୁନ୍ଦରତା ମେକଅପ୍, ପୋଷାକ ଓ ସୁନ୍ଦର କେଶକୁ ବୁଝାଇ ନ ଥାଏ। ବରଂ ନିଜର ଆତ୍ମବିଶ୍ୱାସ ହିଁ ହେଉଛି ପ୍ରକୃତ ସୁନ୍ଦରତା। ତୁମେ ଦୁନିଆକୁ ଆତ୍ମବିଶ୍ୱାସର ସହ ନିଜେ ଯାହା ସେହିଭଳି ଦେଖାଇବା ଜରୁରୀ। ଅକ୍ଷୟା ପିଲାଟି ଦିନରୁ ମୋଟା ଥିବାରୁ ମଧ୍ୟ ବହୁତ ଲୋକ ତାଙ୍କୁ ନାନାକଥା କହିଛନ୍ତି। ଏମିତିକି ସ୍କୁଲରେ ବି ତାଙ୍କ ସହ ଖରାପ ବ୍ୟବହାର ହେଉଥିଲା। ବଡ଼ ହେବା ପରେ ସେ ନିଜ ଶରୀରର ମୋଟାପଣକୁ ଆତ୍ମବିଶ୍ୱାସର ସହ ଗ୍ରହଣ କରିଥିଲେ। ଆଉ ଜଣେ ପ୍ଲସ ସାଇଜ୍ ମଡେଲ ବି ହୋଇଥିଲେ। ଅନେକ ମହିଳା ମା' ହେବାପରେ ମୋଟା ହୋଇଯାଆନ୍ତି, କେଶ ଝଡିବା ସମସ୍ୟା ବି ଆସେ। ଅକ୍ଷୟା କୁହନ୍ତି, ଏମିତିରେ ବେଳେବେଳେ ସ୍ୱାମୀମାନେ ସ୍ତ୍ରୀଙ୍କୁ ଭଲ ପାଆନ୍ତି ନାହିଁ। ସେଥିପାଇଁ ମୁଁ ଏଭଳି ଫଟୋଶୁଟ କରି ସମାଜକୁ ଜଣାଇବାକୁ ଚେଷ୍ଟା କଲି ଯେ ସୁନ୍ଦରତା ଲମ୍ବା ଘନ କେଶ ଅବା ପତଳା ସୁନ୍ଦର ଶରୀରରେ ନ ଥାଏ, ଥାଏ ବ୍ୟକ୍ତିଙ୍କ ଅନ୍ତର୍ନିହିତ ଗୁଣ ଓ ଆତ୍ମବିଶ୍ୱାସରେ।

**ଦିନେ କାନ୍ଦୁଥିଲେ, ଏବେ ଲଣ୍ଡାମୁଣ୍ଡକୁ ନେଇ ବେଶ୍ ଖୁସିରେ ଅଛନ୍ତି:** ସୁପ୍ରିୟା ସୁରେନ୍ଦରଙ୍କ ଖୋଲା ହସ ଦେଖିଲେ ଲୋକେ ଚକିତ ହୋଇଯାଆନ୍ତି । କେଶ ନ ଥିବା ମହିଳା ହୋଇ କେମିତି ବା ଏତେ ଖୁସିରେ ସେ ରହିପାରୁଛନ୍ତି। ସମାଜ ଓ ଲୋକଙ୍କ ଟାହିଟାପରାକୁ କ'ଣ ସେ ଖାତିର କରନ୍ତି ନାହିଁ। ତେବେ ଦିନ ଥିଲା ସେ ବି କେଶ ସମସ୍ୟାକୁ ନେଇ ଗୁମୁରି ଗୁମୁରି କାନ୍ଦୁଥିଲେ। ଘର କୋଣରେ ଲୁଚି ରହୁଥିଲେ। **ସୁପ୍ରିୟା** କୁହନ୍ତି,'୨୦୧୩ ମସିହାର କଥା। ମୁଁ ଦେଖିଲି ମୋର କାନ ପଛପଟେ ମେଞ୍ଚେ କେଶ ଉପୁଡ଼ି କିଛି ସ୍ଥାନ ଚନ୍ଦା ହେଇଯାଇଛି। ଡର୍ମାଟୋଲୋଜିଷ୍ଟଙ୍କ ସହ ଦେଖାକରି ଜାଣିଲି ମୋତେ ଆଲୋପସିଆ ଆରେଟା ନାମକ ରୋଗ ହୋଇଛି। ଦୁଇବର୍ଷ ପର୍ଯ୍ୟନ୍ତ କେଶ ଝଡି ଚନ୍ଦା ହେବା ଓ ପୁଣି କେଶ ଉଠିବାର ପ୍ରକ୍ରିୟା ଜାରି ରହିଲା। ହେଲେ ୨୦୧୫କୁ କେଶ ଏତେ ମାତ୍ରାରେ ଝଡିଲା ଯେ, ପୁଳା ପୁଳା କେଶ ଝଡି ଏଠି ସେଠି ପଡ଼ିଲା। ଦେଖୁ ଦେଖୁ ୩ ମାସ ଭିତରେ ମୁଁ ପୂରା ଲଣ୍ଡା ହୋଇଗଲି। କାହାକୁ ମୁହଁ ଦେଖାଇବାକୁ ଲାଜ ଲାଗିଲା। ଘରେ ବସି ଖାଲି କାନ୍ଦିଲି। ପରେ ଏକ ସୁନ୍ଦର ୱିଗ ବ୍ୟବହାର କଲି। ହେଲେ ମୁଁ ମନେ ମନେ ମୋ ନିଜର ସେଇ ସୁନ୍ଦର କେଶ ଓ ପୁରୁଣା ଚେହେରା ଫେରି ପାଇବାକୁ ଚାହୁଁଥିଲି। ହେଲେ ଅନେକ ଚେଷ୍ଟା ସତ୍ତ୍ୱେ ତାହା ସମ୍ଭବ ହେଲାନି। ୨୦୧୭ରେ ମୁଁ ମୋ କେଶ ଝଡିବା କାହାଣୀକୁ ସୋସିଆଲ ମିଡିଆ ମାଧ୍ୟମରେ ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କୁ ଜଣାଇଲି। ଏତେଦିନ ଧରି ଲୁଚାଇ ରଖିଥିବା କଥାକୁ ବାଣ୍ଟିଥିବାରୁ ମନ ହାଲୁକା ଲାଗିଲା। ଆଉ ମୁକ୍ତ ଅନୁଭବ କଲି। ୨୦୧୮ରେ ଯେବେ ମୁଁ ୩୫ ବର୍ଷ ବୟସର ହେଲି 'ବାଲ୍ଡିବୁ'ନାମକ ଏକ ବ୍ଲଗ କ୍ରିଏଟ୍ କରି ମୁଁ ମୋ କେଶ ହରାଇବାର କାହାଣୀ ଲୋକଙ୍କୁ ବାଣ୍ଟିଲି। ତା'ସହ ମୋ ପରି ସମସ୍ୟାର ସମ୍ମୁଖୀନ ହେଉଥିବା ମହିଳାଙ୍କ ସହ ଯୋଡି ହେଲି। ତା ସହ ମୋ ଭଳି ସମସ୍ୟାକୁ ସାହସର ସହ ସାମ୍ନା କରିଥିବା ହେୟାରଲେସ୍ ୱାରିୟରଙ୍କ ସଂସ୍ପର୍ଶରେ ବି ଆସିଲି। ସେମାନେ ମୋତେ ସାହସ ଦେଇଥିଲେ କିଭଳି ନିଜକୁ ଷ୍ଟ୍ରଙ୍ଗ କରି ସମସ୍ୟାକୁ ସାମ୍ନା କରିବି। ସେମାନଙ୍କ କହିବାନୁସାରେ ମୁଁ ସାହସ ବାନ୍ଧି ବିନା ୱିଗରେ ଘରୁ ବାହାରକୁ ବାହାରିଲି, ଅଫିସକୁ ଗଲି, ଜନଗହଳିପୂର୍ଣ୍ଣ ସ୍ଥାନକୁ ବି ଗଲି। ଫଳରେ ଧୀରେ ଧୀରେ ଲଣ୍ଡା ମହିଳାଭାବେ ମନ ଭିତରେ ଥିବା ଲଜ୍ଜା ଓ ଭୟ ଭାବ ଦୂରେଇବାକୁ ଲାଗିଲା। ଏବେ ମୁଁ ବିନା ଶଙ୍କା, ଲଜ୍ଜାବୋଧରେ ସବୁଆଡ଼େ ବିନା ୱିଗରେ ଯାଇପାରୁଛି। ଜୀବନକୁ ମୁକ୍ତଭାବେ ଜିଉଛି।'

ଜୀବନରେ ନାନା କଷ୍ଟସହି, ଗୁମୁରି ଗୁମୁରି କାନ୍ଦି ଶେଷରେ ଏଇ ନାରୀମାନେ ନିଜକୁ ସଶକ୍ତ କରି ଗଢିଛନ୍ତି। କେଶହୀନ ମୁଣ୍ଡକୁ ନେଇ ଲଜ୍ଜାବୋଧ ନ କରି ସମାଜରେ ମୁଣ୍ଡ ଟେକି ଚାଲୁଛନ୍ତି। ଆଉ ଅନ୍ୟମାନଙ୍କ ପାଇଁ ପ୍ରେରଣା ବି ପାଲଟିଛନ୍ତି।

– ଶିବାନୀ ମହାନ୍ତି



ପାରୋମିତା ଗୁପ୍ତା



ବୈଷ୍ଣବୀ ପୁଭାନେନ୍ଦ୍ରନ



ସୁପ୍ରିୟା

# ନିଆରା କ୍ୟାମ୍ପିଂ ସାମଗ୍ରୀ






ବ୍ୟସ୍ତବହୁଳ ଜୀବନରୁ ସମୟ ବାହାରକରି କିଛି ରୋମାଞ୍ଚକର ଅନୁଭୂତି ପାଇବା ପାଇଁ ନୂଆବର୍ଷ ଅବସରରେ ଅନେକେ କ୍ୟାମ୍ପିଂରେ ଯିବାକୁ ପସନ୍ଦ କରିଥାନ୍ତି। ତେବେ ଏହି କ୍ୟାମ୍ପିଂକୁ ଯିବା ପୂର୍ବରୁ ଆବଶ୍ୟକ ତଥା ସୁରକ୍ଷା ଦୃଷ୍ଟିରୁ କିଛି ଖାସ୍ ସାମଗ୍ରୀକୁ ସାଙ୍ଗରେ ନେଇ ଯିବାକୁ ହୋଇଥାଏ। ହେଲେ ଏଠାରେ ଏମିତି କିଛି ଭିନ୍ନ ଡିଜାଇନ୍‌ର କ୍ୟାମ୍ପିଂ ସାମଗ୍ରୀ ସମ୍ପର୍କରେ ଉଲ୍ଲେଖ କରାଯାଉଛି; ଯାହା ପର୍ଯ୍ୟଟକଙ୍କୁ ଟିକେ ନିଆରା କ୍ୟାମ୍ପିଂ ଅନୁଭୂତି ପ୍ରଦାନ କରିବ...

* **ଫ୍ଲୋଟିଂ ଟେଣ୍ଟ:** କ୍ୟାମ୍ପିଂରେ ଗଲାବେଳେ ବସା, ଉଠା କରିବା ପାଇଁ ଟେଣ୍ଟର ଆବଶ୍ୟକତା ଖୁବ୍ ରହିଥାଏ। ଟେଣ୍ଟରେ ରହିବାର ମଜା ହିଁ କିଛି ଅଲଗା। ହେଲେ ତା'ଠୁ ବି ଆହୁରି ନିଆରା ଅନୁଭୂତି ମିଳେ ଫ୍ଲୋଟିଂ ଟେଣ୍ଟରେ କିଛି ସମୟ ବିତାଇଲେ। କାରଣ ଏହି ଟେଣ୍ଟ ପାଣି ଉପରେ ଭାସମାନ ଅବସ୍ଥାରେ ରହିଥାଏ ; ଯାହା ମଧ୍ୟରେ ପର୍ଯ୍ୟଟକ ଆରାମରେ ବସିପାରିବେ ଆଉ ଶୋଇପାରିବେ। ପୂର୍ବେ ଫ୍ଲୋଟିଂ ଟେଣ୍ଟର ବ୍ୟବହାର ବିଦେଶରେ ବେଶି ହେଉଥିଲା, ହେଲେ ଏବେ ଭାରତର ବିଭିନ୍ନ ସ୍ଥାନରେ ବି ଲୋକେ ଫ୍ଲୋଟିଂ ଟେଣ୍ଟରେ ବସି ବୁଲିବାର ମଜା ନେଲେଣି।
* **ଫୋଲ୍ଡିଂ କାନୋପି ଚେୟାର:** ଏହି ଚେୟାରର ଚତୁଃପାର୍ଶ୍ୱରେ ଏକ ଟ୍ରାନ୍ସପରେଣ୍ଟ ସ୍କ୍ରିନ୍ ଘୋଡ଼ାଇହୋଇ ରହିଥାଏ। ଏପରିକି ଚେୟାରର ଉପରି ଭାଗ ବି କଭର୍ ହୋଇକି ଥାଏ ; ଯଦ୍ୱାରା ଖରା ହେଉ କିମ୍ବା ବର୍ଷା ସମୟରେ ମଧ୍ୟ ଏହି ଚେୟାରକୁ ବାହାରେ ପକାଇ ତା'ଉପରେ ଆରାମରେ ବସିହୁଏ। ତା'ଛଡ଼ା ଏଥିରେ ଲାଗିଥିବା ସ୍କ୍ରିନ୍ ଯୋଗୁ ଏହାକୁ ଗଛଲତା ଥିବା ସ୍ଥାନରେ ପକାଇ ବସିଲେ ପୋକଜୋକର ବି ଡର ନ ଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଚେୟାରକୁ ଫୋଲ୍ଡ କରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଆରାମରେ ନେଇହୁଏ।



* **ପୋର୍ଟେବଲ୍ ଫ୍ରିଜର:** ଏହି ଟାଇପ୍‌ର ଫ୍ରିଜରରେ ସ୍ୱତନ୍ତ୍ର ଟେମ୍ପରେଚର ଗଜ୍, ୱେଦର ରେଜିଷ୍ଟାଣ୍ଟ କ୍ୟାବିନେଟ୍, ଏଲ୍‌ଇଡି ଇଣ୍ଡିକେଟର ଓ ସଫ୍ଟ ଟଚ୍ ଅପରେଟିଂ ପାନେଲ ରହିଥିବାରୁ ଏହା ବେଶ୍ କିଛିଦିନ ଧରି ପାନୀୟ ଓ ଖାଦ୍ୟ ପଦାର୍ଥକୁ ସତେଜ ରଖିଥାଏ। ତା'ଛଡ଼ା ଏହାର ସାଇଜ୍ ଛୋଟ ହୋଇଥିବାରୁ ଏହାକୁ ଆରାମରେ କ୍ୟାରି ମଧ୍ୟ କରିହୁଏ। ଫଳରେ କ୍ୟାମ୍ପିଂରେ ଗଲାବେଳେ ଏହାକୁ ନେବା ସହଜ ହୋଇଥାଏ।
* **ପୋର୍ଟେବଲ୍ ଏସ୍‌ପ୍ରେସୋ ମେକର:** କଫି ଲଭରଙ୍କ ପାଇଁ ଏବେ ମାର୍କେଟ୍‌ରେ ଏସ୍‌ପ୍ରେସୋ ବା ନାନୋପ୍ରେସୋ କଫି ମେକର ମିଳିଲାଣି ; ଯାହାକୁ ବ୍ୟବହାର କରିବା ପାଇଁ ନା ବ୍ୟାଟେରିର ବ୍ୟବହାର ହୁଏ ନା ଇଲେକ୍ଟ୍ରିସିଟିର ଦରକାର ପଡ଼େ। କେବଳ ଗରମପାଣି କିମ୍ବା ଗରମ କ୍ଷୀର ଓ କଫି ପାଉଡରକୁ ଏହି ମେକରରେ ପକାଇ କିଛି ସମୟ ପ୍ରେସ୍ କଲେ ଏଥିରେ କଫି ପ୍ରସ୍ତୁତ ହୋଇଯାଏ। ତେଣୁ କ୍ୟାମ୍ପିଂ ପାଇଁ ଏହା ଏକ ବେଷ୍ଟ ଅପ୍‌ଶନ ହୋଇପାରେ।






* **ଇନ୍‌ଫ୍ଲାଟେବଲ୍ ଟ୍ରାନ୍ସପରେଣ୍ଟ ବବଲ୍ ଟେଣ୍ଟ:** ଏହି ଟେଣ୍ଟଟି ଫୋଲ୍ଡ ହୋଇ ରହିଥାଏ। ବେଲୁନ୍‌ରେ ଯେମିତି ପବନ ପୂରାଯାଏ, ଠିକ୍ ସେମିତି ଏହି ଟେଣ୍ଟକୁ ବି ପବନ ଦ୍ୱାରା ଫୁଲାଯାଇଥାଏ। ଏହା ଟ୍ରାନ୍ସପରେଣ୍ଟ ହୋଇଥିବାରୁ ଏହା ଭିତରୁ ବାହାର ଦୁନିଆକୁ ଆରାମରେ ଦେଖିହୁଏ। ତା'ଛଡ଼ା ଏହି ଟେଣ୍ଟରେ ସ୍ୱତନ୍ତ୍ର ସାଇଲେଣ୍ଟ ଏୟାର୍-ବ୍ଲୋଇଂ ଏବଂ ଫିଲ୍ଟରେଶନ୍ ସିଷ୍ଟମ୍ ଥିବାରୁ ଏହାକୁ ଯେକୌଣସି ସ୍ଥାନରେ ଆଉ ଜଳବାୟୁରେ ବ୍ୟବହାର କରିହୁଏ।
* **ଇନ୍‌ଫ୍ଲାଟେବଲ୍ ପୋର୍ଟେବଲ୍ ବାଥ୍‌ଟବ୍:** ଏହି ବାଥ୍ ବାଥ୍‌ଟବ୍‌କୁ ବି ପବନ ଦ୍ୱାରା ଫୁଲାଇ ବ୍ୟବହାର କରିହୁଏ। ଯେହେତୁ କ୍ୟାମ୍ପିଂରେ ବାହାରକୁ ଯିବାକୁ ହୋଇଥାଏ, ଖୋଲାରେ ଗାଧୋଇବାରେ ଯେପରି ଅସୁବିଧା ନ ହୁଏ, ସେଥିପାଇଁ ଏହି ବାଥ୍ ଟବ୍‌କୁ ସାଙ୍ଗରେ ନେଇ ଯିବା ଜରୁରୀ। ତା'ଛଡ଼ା ଏହି ବାଥ୍ ଟବ୍‌କୁ ଫୋଲ୍ଡ କରି ହେଉଥିବାରୁ ଏହାକୁ ନେବାରେ କିଛି ଅସୁବିଧା ହୁଏ ନାହିଁ।
* **ଇଲେକ୍ଟ୍ରିକ୍ ହିଟେଡ୍ ସକ୍ସ ରିଚାର୍ଜେବଲ୍ ବ୍ୟାଟେରି:** ଏହି ସକ୍ସକୁ ପିନ୍ଧିବାରେ ଅନେକ ଫାଇଦା ରହିଥାଏ। କାରଣ ଏଥିରେ ଏକ ସ୍ୱତନ୍ତ୍ର ଧରଣର ମ୍ୟାଟେରିଆଲ୍ ଲାଗିଥାଏ, ଯାହା ଆପେ ଆପେ ପାଦକୁ ଉଷ୍ମ ଦେଇଥାଏ। ତା'ଛଡ଼ା ପାଦତଳ ଝାଲୁଆ ହେବାରୁ ମଧ୍ୟ ଏହା ରକ୍ଷା କରିଥାଏ ; ଯଦ୍ୱାରା ଏହାକୁ ପିନ୍ଧି ଅଧିକ ସମୟ ଚଲାବୁଲା କଲେ ବି ପାଦକୁ ବିଶେଷ କଷ୍ଟ ଅନୁଭବ ହୁଏନାହିଁ।
* **ମସାଜର ବ୍ୟାକ୍‌ପ୍ୟାକ୍:** ଏହି ବ୍ୟାକ୍‌ପ୍ୟାକ୍‌ରେ ଜିନିଷପତ୍ର ନେବା ପାଇଁ ଭଲ ସ୍ପେସ୍ ରହିବା ସହ ଆଣ୍ଟି ସ୍କ୍ରାଚ୍ ମ୍ୟାଟେରିଆଲ୍‌ର ବ୍ୟବହାର କରାଯାଇଛି। ତା'ଛଡ଼ା ଏହାର ୱାଟର-ରେଜିଷ୍ଟାଣ୍ଟ କ୍ଷମତା ବି ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବ୍ୟାକ୍‌ପ୍ୟାକ୍‌ର ଯେଉଁ ଅଂଶ ପିଠି ସଂସ୍ପର୍ଶରେ ଆସିଥାଏ, ସେଠାରେ ଏମିତି କିଛି ମ୍ୟାଟେରିଆଲ ଲଗାଯାଇଛି, ଯଦ୍ୱାରା ଏହାକୁ ପିଠିରେ ପକାଇ ଗଲାବେଳେ ଏହା ପିଠିରେ ଘସିହୋଇ ତାକୁ ମସାଜ୍ କରିବାର କାମ ଆପେ ଆପେ କରିଥାଏ। ଫଳରେ ପିଠିକୁ ଆରାମ ଲାଗେ ଆଉ ଥକ୍କା ଜଣାପଡ଼େନାହିଁ। କ୍ୟାମ୍ପିଂ ପାଇଁ ଏହା ମଧ୍ୟ ଏକ ଭଲ ଅପ୍‌ଶନ ହୋଇପାରେ।



# ଦର୍ଶକଙ୍କ ତାଳି ମୋ ପାଇଁ ଭାତଥାଳି







ପେସାରେ ସେ ଜଣେ ଶିକ୍ଷକ । ମାତ୍ର ନିଶାରେ ସେ ଶିଶୁସାହିତ୍ୟିକ, ବ୍ୟଙ୍ଗକବି, ହାସ୍ୟ ଅଭିନେତା, ଆକାଶବାଣୀ ଓ ଦୂରଦର୍ଶନର କଳାକାର। ଏକାଧିକ ଘରୋଇ ଟିଭି, ରେଡିଓ, ସିରିଏଲ ଓ ସିନେମାରେ ବିଭିନ୍ନ ଚରିତ୍ରରେ ଅଭିନୟ କରି ଭିନ୍ନ ପରିଚୟ ସୃଷ୍ଟିକରିପାରିଛନ୍ତି। ଦୀର୍ଘ ଦୁଇଦଶନ୍ଧି ଧରି ତାଙ୍କ ଲେଖନୀ ମୁନରେ ଫୁଟିଉଠିଛି ବହୁ ବ୍ୟଙ୍ଗ ଓ ହାସ୍ୟ ରସପୂର୍ଣ୍ଣ ଶିଶୁ ହାସ୍ୟକବିତା । ବିଶେଷକରି ସାମାଜରେ ଘଟୁଥିବା ବିଭିନ୍ନ କୁସଂସ୍କାରକୁ ଦୂର କରିବା ପାଇଁ ବ୍ୟଙ୍ଗାତ୍ମକ ଲେଖାରେ ଜନସଚେତନ ସୃଷ୍ଟି କରିଥାନ୍ତି। ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନ ତରଫରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ **ବ୍ରଜ ବିହାରୀ ସୁବୁଦ୍ଧି** । ଜନ୍ମ ୭।୧।୧୯୬୮ମସିହାରେ। ମାତା ଲକ୍ଷ୍ମୀପ୍ରିୟା ସୁବୁଦ୍ଧି, ପିତା ଭ୍ରମରବର ସୁବୁଦ୍ଧି। ଘର ଖୋର୍ଦ୍ଧା ଜିଲାର ବୋଲଗଡ଼ ବ୍ଲକ ଅନ୍ତର୍ଗତ କପାସିଆ ଗାଁରେ। ସେ କୁହନ୍ତି, ଆମର ଏକ ଶିକ୍ଷକ ପରିବାର। ପରିବାରରେ ଆମେ ୬ ଭାଇ, ମୋର ଗୋଟିଏ ଭଉଣୀ। ବଡ଼ଭାଇ ଶିକ୍ଷକ, ସାନଭାଇ ଡାକ୍ତର, ଭାଉଜ, ସାନବୋହୂ ଶିକ୍ଷୟିତ୍ରୀ। ସେତେବେଳେ ଜେଜେ ଓ ବଡ଼ଭାଇ ଗାଁ ଡ୍ରାମାରେ ଅଭିନୟ କରୁଥିଲେ । ମତେ ଡ୍ରାମା ଦେଖିବାକୁ ଭଲ ଲାଗେ ଓ ଭାରି ଇଛା ହୁଏ ଅଭିନୟ କରିବାକୁ। ଦିନେ ଏମିତି ପରିସ୍ଥିତି ହେଲା ମତେ ଅଭିନୟ କରିବାର ସୁଯୋଗ ମିଳିଲା। ତା'ପରଠାରୁ ଯେବେ ଡ୍ରାମା ହୁଏ ହାସ୍ୟ ଅଭିନେତା ଭାବେ ଅଭିନୟ କରେ। ଗାଁ ସ୍କୁଲରେ ୧ମରୁ ୫ମ, ତା'ପରେ ୬ରୁ୧୦ମ ବାମନ ଉଚ୍ଚବିଦ୍ୟାଳୟ ବୋଲଗଡ଼ରେ ପଢ଼ାସାରି ୧୯୮୬ମସିହାରେ ରାଜସୁନାଖଳା କଲେଜରେ ଯୁକ୍ତ୨ପଢ଼ିଲି। ସେହି କଲେଜ ଡ୍ରାମାରେ ବି ହାସ୍ୟ ଅଭିନେତା ଭାବେ ଅଭିନୟ କରିଥିଲି। ସେଦିନ ବିଚାରକ ଭାବେ ଥିବା ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଦୁଃଖୀରାମ ସ୍ୱାଇଁଙ୍କଠାରୁ ମୁଁ ପୁରସ୍କାର ମଧ୍ୟ ଗ୍ରହଣ କରିଥିଲି। ଯାହା ମୋତେ ବେଶ୍ ପ୍ରେରଣା ଦେଇଥିଲା। ଥରେ କଲେଜ ମାଗାଜିନ ପାଇଁ ଲେଖାଟିଏ ଦେବାକୁ ଗୋଟିଏ କବିତା ଲେଖିଥିଲି। ଯେବେ ଛାପା ଅକ୍ଷରରେ ମୋର ନାଁ ସହ ସେହି ଲେଖାଟି ପ୍ରକାଶିତ ହୋଇଥିବାର ଦେଖିଲି ଭାରିଖୁସି ଲାଗିଲା। ପୁଣିସାଙ୍ଗମାନଙ୍କ ନାଁରେ ପଠେଇ ଥିବା ଏକାଧିକ କବିତା ସେହି ମାଗାଜିନରେ ବାହାରିଥିବାରୁ ସାଙ୍ଗମାନେ ଖୁସି ହେବା ସହ ନିଜେ ଖୁସି ହୋଇଥିଲି। ପରବର୍ତ୍ତୀ ସମୟରେ ନିଜ ଲେଖାଗୁଡ଼ିକୁ ସାଇତି ହାସ୍ୟକବିତା ସଂକଳନ–ସାଂଘାତିକ କିଲା, ହାସ୍ୟ ଶିଶୁକବିତା ସଂକଳନ 'ଗୀତରେ ଗପକହେ', 'ରାଜନୀତିରେ ପଲିଟିକ୍ସ, 'ବ୍ୟଙ୍ଗହାବେଳି' ଆଦି ପୁସ୍ତକ ପ୍ରକାଶିତ ହୋଇସାରିଛି। ୧୯୯୧ମସିହାରେ ଆକାଶବାଣୀ ବିବିଧ ଭାରତୀର ଅନ୍ୱେଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲି। ଆକାଶବାଣୀରୁ ନିମନ୍ତ୍ରଣ ପାଇ ପ୍ରଥମକରି ସେତେବେଳେ କଟକ ଯାଇଥିଲି, ବାଦାମବାଡ଼ିରେ ଜଣେ ଅଣଓଡ଼ିଆ ରିକ୍ସାବାଲା ହାବୁଡ଼ରେ ପଡ଼ିଗଲି । ରେଡିଓ ଷ୍ଟେଶନକୁ ଯିବାକୁ ତାଙ୍କୁ କହିଲି, ହେଲେ ସେ ମୋତେ ରେଡିଓ ଷ୍ଟେଶନରେ ଓହ୍ଲାଇଦେବ କ'ଣ, ମତେ ନେଇ ରେଲୱେ ଷ୍ଟେଶନରେ ଓହ୍ଲେଇ ଦେଲେ। ଏକଥା ମୁଁ ଏଯାଏ ଭୁଲି ପାରିନି। ୧୯୯୪ରୁ ଆକାଶବାଣୀ କଟକ କେନ୍ଦ୍ରର–ଶିଶୁସଂସାର,ଚକାଚକା ଭଉଁରି, ଧ୍ୱନି, ଯୁବବାଣୀ, ଚହଟଚମ୍ପାରେ ଭାଗନେଇ ଆସିଛି। ଆକାଶବାଣୀ ହେଉଛି ମୋର ଗୁରୁ। ନିୟମିତ ରେଡିଓ ଶୁଣେ, ରେଡିଓକୁ ଭୁଲି ପାରେନା। ଏଠାରେ ଯଶସ୍ୱୀ ଲେଖକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଛି। ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର– କିଶୋର ସଂସାର, ସରଦଶଶୀ, କଲ୍ୟାଣୀ, ଏସ୍ଆଇଟି– ଥଟ୍ଟାମଜା ପ୍ରାୟୋଜିତ କାର୍ଯ୍ୟକ୍ରମ ସମେତ କେତେକ ଘରୋଇ ଟିଭି ଚ୍ୟାନେଲରେ ହାସ୍ୟକବି ସମ୍ମିଳନୀ, ଉଦ୍ଧବ କେତେ ତୁ ପଚାରୁ, ଦି ଗ୍ରେଟ୍ ଓଡ଼ିଶା ପଲିଟିକାଲ ସର୍କସ ଆଜି ବିଭିନ୍ନ କାର୍ଯ୍ୟକ୍ରମରେ ବୋଲଗଡ଼ ଏକ୍ସପ୍ରେସ ନାଁରେ ମୋର ଭିନ୍ନ ପରିଚୟ ସୃଷ୍ଟି ହୋଇଛି। ଦୂରଦର୍ଶନ ଧାରାବାହିକ– କଥାଟିଏ କହୁ, କଲ୍ୟାଣୀ, କାନ୍ଧୁଥା ଯାହା ପାଇଲେ ବାନ୍ଧୁଥା, ସେହିପରି ଓଡ଼ିଆ ଚଳଚ୍ଚିତ୍ର– ଦୃଷ୍ଟାନ୍ତ, ଯୋଗୀ, ଭୁଲିପାରୁନି ମୋ ପ୍ରଥମ ପ୍ରେମ, ଗାଁର ନାଁ ଗାଲୁଆପୁରରେ ଅଭିନୟ କରିସାରିଛି। ପୁରସ୍କାର ଭାବେ – ଦୁର୍ମୁଖ ତରଫରୁ ହାସ୍ୟକବି, ଗୋଳମାଳ ପତ୍ରିକା ତରଫରୁ ବିଶିଷ୍ଟ ହାସ୍ୟକବି, ତୀରତରଙ୍ଗ, ୧୦ମ ରାଜଧାନୀ ପୁସ୍ତକମେଳା, ଦୂରଦର୍ଶନ କଲ୍ୟାଣୀ, ସାଂଘାତିକ ହାସ୍ୟକବି, ଇ–ଟିଭି ଟାଇମ୍‌ପାସ,ବୋଲଗଡ଼ ମହୋତ୍ସବରୁ ବୋଲଗଡ଼ ରତ୍ନ ଆଦିରୁ ଶତାଧିକ ପୁରସ୍କାର ଓ ସମ୍ମାନ ମିଳିଛି। ଥରେ ଗୋଟେ ମଞ୍ଚରେ ମୋର ହାସ୍ୟରସ କାର୍ଯ୍ୟକ୍ରମ ଚାଲିଥାଏ। ଲୋକମାନେ ମଜା ନେଉଥାନ୍ତି। ଏପଟେ ଖାଇବା ସମୟ ଗଡ଼ିଗଲାଣି, ଟେଣ୍ଟବାଲା ଅନ୍ୟଆଡ଼େ ଭଡ଼ା ରଖିଥାଏ । ସେଥିଯୋଗୁ ସେଠାରୁ ଯେଉଁ ଦର୍ଶକ ଟିକେ ଉଠିଯାଉଥାନ୍ତି ତାଙ୍କରି ଚୌକିକୁ ସେ ଥାକ କରିବାରେ ବ୍ୟସ୍ତ ରହିଥାଏ। ଏହି କାର୍ଯ୍ୟକ୍ରମ ଦେଖୁଥିବା ଦର୍ଶକ ସେଦିନ ତାକୁ ମାରିବାକୁ ଘେରିଯିବାରୁ ସେ ଦୌଡ଼ି ପଳାଇଲା। ଆଉ ଥରେ ମୁଁ ଏକ ଷ୍ଟେଜ୍‌ରେ କହୁଥିଲି ବାଞ୍ଛା ସାହୁ ପୁଅ ବାଙ୍କା। ହରିଆ ଝିଅକୁ ଫେରମ କରୁଛି ସୁଧକୁ ଆଣିଛି ଟଙ୍କା। ସଂଯୋଗ ବଶତଃ ମଞ୍ଚ ତଳେ ବାଞ୍ଛା ସାହୁ ନାମଧାରୀ ଜଣେ ବ୍ୟକ୍ତିଙ୍କ ପୁଅ ବାଙ୍କା ବସିଥିଲା । ସେ ହରିଆ ସାର୍‌ଙ୍କ ଝିଅକୁ ଚୋରା ପ୍ରେମ କରୁଥିଲା। ଦର୍ଶକମାନେ ତାଙ୍କ ଚାରିପଟେ ଘେରିଗଲେ। ଏମିତି ଅବସ୍ଥା ହେଲା ମୁଁ ନିଜେ ହସେଇବି କ'ଣ ତାଙ୍କର ହସ ଗମାତ ଦେଖିଲି।

କହିବାକୁଗଲେ ଏକ ଘରୋଇ ଟିଭି ଚ୍ୟାନେଲରେ ପ୍ରସାରିତ ରାଜନୀତିକୁ ନେଇ ବ୍ୟଙ୍ଗାତ୍ମକ କାର୍ଯ୍ୟକ୍ରମ ମତେ ସର୍ବାଧିକ ଲୋକପ୍ରିୟତା ଦେଇଛି। ଏବେ ମୁଁ ଚକ୍ରଧର ପ୍ରସାଦ ହାଇସ୍କୁଲରେ ଶିକ୍ଷକଭାବେ କାର୍ଯ୍ୟକରୁଛି। ମୋର ଲକ୍ଷ୍ୟ ଦର୍ଶକଙ୍କ ମନ ଜିଣି ତାଙ୍କ ହୃଦୟରେ ସ୍ଥାନଟିଏ ପାଇବା। ତେଣୁ ହସ ବାଣ୍ଟିବାର ପ୍ରୟାସ ଜାରି ରଖିଥିବି। ତେବେ ଦର୍ଶକଙ୍କ ତାଳି ମୋ ପାଇଁ ଭାତଥାଳି। ସେଥିରେ ମୋ ପେଟ ପୂରିଯାଏ ।





–ବନବିହାରୀ ବେହେରା









# ମିଠାସ୍ୱର

–ସୁଚିତ୍ରା ମିଶ୍ର

ପାଣି ଗ୍ଲାସ୍‌ଟା ଟେବୁଲ ଉପରେ ଏକରକମ କଚିଦେଇ ସୁରୁଚି ଧୁମ୍ ଧୁମ୍ ହୋଇ ଚାଲିଗଲେ ରୋଷେଇ ଘର ଭିତରକୁ । ବାବାରେ ଆଜି କ'ଣ ଏତେ ରାଗ ! ଅଫିସ ଯିବାକୁ ପ୍ରସ୍ତୁତ ହେଉଥିଲି ମୁଁ । ଶ୍ରୀମତୀଙ୍କ ରାଗ ଦେଖି ନ ଦେଖିଲା ପରି ଜଳଖିଆ ଖାଇବାରେ ମନ ଦେଲି । ସୁରୁଚି ଚୁଲି ପାଖରୁ, ପ୍ଲାଟଫର୍ମ ଉପରୁ ଫୋନ୍‌ଟି ଉଠେଇ ଆଣି ମୋ ଆଡ଼କୁ ଆସୁଥିଲେ ହଠାତ୍ ପଛକୁ ବୁଲିଗଲେ ଆଉ ବାଲକୋନିକୁ ଚାଲିଗଲେ । ମୁଁ ଆଶ୍ୱସ୍ତ ହେଲି ।

ଅଫିସରେ ପହଞ୍ଚିବା ପରେ ପରେ ଦୁଇଟା ମିଟିଂ ଅଛି । ମନଟା ଟିକେ ଭାରାକ୍ରାନ୍ତ ଅଛି ମୋର। ତା' ଉପରେ ସୁରୁଚିଙ୍କର ଝିକ ଝିକ ଶୁଣିବାକୁ ଆଦୌ ପ୍ରସ୍ତୁତ ନ ଥିଲି ମୁଁ। ବାଲକୋନୀରୁ ସୁରୁଚିଙ୍କ ପାଟି ଭିତର ଘର ଯାଏ ଭାସି ଆସୁଥିଲା । ମନଟା ଖରାପ ହୋଇଗଲା । ଝିଅ ଖୁସି କୋଠରି ବାହାରକୁ ଆସୁ ଆସୁ ଫେରିପଡ଼ି ପୁଣି ଭିତରେ ପଶିଗଲା । ତା' କାନରେ ତ ଇଅର୍ ଫୋନ ଲାଗିଥିଲା, ମାମାର ପାଟି ତାକୁ ଶୁଣା ଯାଇ ନ ଥିବ । ଖୁସି, ଏ ଖୁସି! ମୁଁ ବଡ଼ ପାଟିରେ ଡାକପକେଇଲି । ସେ କିନ୍ତୁ ସେତେବେଳକୁ ତା' କୋଠରିର ଦୁଆର ଆଉଜେଇ ନେଇଥିଲା । କିଛି ସମୟ ପରେ ମୋ ଫୋନରେ ଖୁସିର ମେସେଜ ଆସିଲା । 'ମାମାକୁ କହିଦେବ ମୁଁ ଏବେ କଲେଜ ଯାଉଛି ମୋର ଆଜି ଫେରିବାକୁ ଡେରିହେବ । ସାଙ୍ଗର ବାର୍ଥ ଡେ ପାର୍ଟି ଅଛି' । ଓଃ, ଏଇ କଥା କହିବାକୁ ତା' କୋଠରିରୁ ବାହାରିଥିଲା ଖୁସି । ମା'କୁ କାଳିଶି ଲାଗିଥିବାର ଦେଖି ଫେରି ଚାଲିଗଲା ।

ମନଟା ବହୁ ଖରାପ ହୋଇଗଲା । ଘରଭିତରେ ଆମେ ତିନିଜଣ ମଣିଷ । ପରସ୍ପର ସହ ଦି'ପଦ କଥା ହେବା ପାଇଁ ଆମ ପାଖରେ ସମୟ ନାହିଁ । ନିଜ ନିଜ ଫୋନ ସହ ଯୋଡି ହୋଇ ମିଛ ସମ୍ପର୍କର ପ୍ରହେଳିକା ଭିତରେ ସତ ସମ୍ପର୍କକୁ ଶିଥିଳ କରିସାରିଲୁଣି । ଆଜି ଖୁସି ବୋଧହୁଏ ମୋ ପାଖରେ ବସିଥାଆନ୍ତା, କେଜାଣି ହୁଏତ ମୋ ସହ ଏକାଠି ଜଳଖିଆ ଖାଇଥାଆନ୍ତା । ଖୁସିର ଲହରୀଟିଏ ଖେଳିଗଲା ମୋ ଆଖପାଖରେ, ଆଉ ନିମିଷକରେ ଦୂରେଇ ଗଲା ଗୋଟେ ହାଲୁକା ସୁଖର ସ୍ପର୍ଶ ଦେଇ । ସୁରୁଚିଙ୍କ ଉପରେ ରାଗଟା ଆଉ ଟିକେ ବଢ଼ିଗଲା । ଟିନିଏଜ୍‌ରେ ଝିଅ । ତା' ପାଖରେ ବସି ତା' ମନକଥା ଟିକେ ବୁଝିବ କ'ଣ ଆ' ତା' ସଙ୍ଗେ କଳି କରି ବେଳ ଗଲା । ହଇଓ, କାହା ସାଙ୍ଗେ ସକାଳୁ ଲଗେଇଛ ? ଖୁସି ପରା ତୁମକୁ କିଛି କହୁଛି । ସୁରୁଚିଙ୍କ ଉଦ୍ଦେଶ୍ୟରେ ପାଟି କରି କହିଲି ମୁଁ । ସେଇ ମାଳତୀକୁ ଫୋନ କରିଥିଲି । ତା' ପୁଅ ଧରିଲା ଫୋନ । ଭଲକରି ଗାଳି ଦେଇଛି ତାକୁ । ଆଜିକୁ ଚାରିଦିନ ହେଇଗଲା କାମ କରିବାକୁ ଆସୁନି । ହଁ, ତୁମର କ'ଣ ଅଛି ? ତୁମେ ତ ମଠରେ ଖାଇ ଖଟରେ ଶୋଇବା ଲୋକ । ସୁରୁଚିଙ୍କ କଥା ଗୁଡାକ ଗଳି ଯାଉଥିଲା ମୋ ଦେହରେ । ଏ ଘରେ କିଏ କାହାକୁ ମିଠା କଥା ପଦେ କହୁଛି ? ମୁଁ ଟିକେ ଚିଡ଼ିଯାଇ କହିଥିଲି ସୁରୁଚିଙ୍କୁ । ଖୁସି ଆମ ସାମ୍ନାହୋଇ ଦାଣ୍ଡ ଦୁଆର ଦେଇ ବାହାରିଯାଇଥିଲା । ଆରେ, ତୁ କ'ଣ କଲେଜ ଗଲୁଣି। କେତେବେଳେ ଫେରିବୁ ? ସୁରୁଚି ତା' ପଛରେ ଗୋଡ଼େଇ ଯାଇ ପଚାରୁଥିଲେ । ଖୁସି ଚାଲିଗଲା ପରେ ସେ ଫେରି ଆସି ବସିଲେ ଚଉକି ଉପରେ ।

ତା' ସାଙ୍ଗର ଜନ୍ମଦିନ । ପାର୍ଟି ଅଛି । ଫେରୁ ଫେରୁ ଡେରି ହେବ । ମେସେଜ କରିଛି ମତେ । ମେସେଜ କରିଛି । ହଁ, କଥା କହିବାକୁ କି ଶୁଣିବାକୁ କିଏ ଅଛି ଏଠି ଯେ ସେ କହିବ ବା ଶୁଣିବ ? ଏତକ ସୁରୁଚିଙ୍କୁ କହିଦେଲା ପରେ ମତେ କେମିତି ଟିକେ ଆଶ୍ୱସ୍ତ ଲାଗିଲା । ବୋଧହୁଏ ଅନେକ ଦିନ ହେଲା ଏମିତି କିଛି କହିବି ବୋଲି ଭାବୁଥିଲି, କହିପାରି ନ ଥିଲି । ସୁରୁଚି ଦୋଷୀ ପରି ସଙ୍କୁଚିତ ହୋଇପଡୁଥିଲେ । ଏକା ନିଃଶ୍ୱାସରେ କଥାଗୁଡ଼ା କହିଦେଇ ମୁଁ ଅଫିସ ଯିବାକୁ ପ୍ରସ୍ତୁତ ହେଲି। 'ଗ୍ରୁପରେ ମେସେଜ ଆସିଛି, ଆଜି ବି ମାଳତୀ କାମକରିବାକୁ ଆସିବନି । ସୁରୁଚି ଟିକେ ନରମ ସ୍ୱରରେ କହିଲେ। ବାଲକୋନୀକୁ ଯାଇ କାହାକୁ ଗାଳି ଦେଉଥିଲ ? ମୁଁ ଆଉ କିଛି କହିବା ଆଗରୁ ପୁଣିଥରେ ତାଙ୍କ ସ୍ୱର କର୍କଶ ଶୁଣା ଗଲା । ତୁମକୁ ତ ଖାଲି ମୋ ପାଟି ଶୁଣାଯାଉଛି । ଏଥର ଟିକେ କରୁଣ ବି ଶୁଣା ଗଲା ତାଙ୍କ ସ୍ୱର । ଚାରିଦିନ ହେଲା କାମ କରି କରି ହାଲିଆ ହୋଇଗଲିଣି। ଆଜି ବି ମହାରାଣୀ ଆସିବେନି । କାନ୍ଦ କାନ୍ଦ ହୋଇ କହୁଥିଲେ ସୁରୁଚି । ଏଥର କାହିଁକି କେଜାଣି ତାଙ୍କ ସ୍ୱର ମତେ ଅଲଗା ଲାଗିଲା । ମୁଁ ଟିକେ ସହାନୁଭୂତିଶୀଳ ମନ ନେଇ ଶୁଣିଲି ତାଙ୍କ କଥା ଏବେ । ସେଥିପାଇଁ ବୋଧେ ତାଙ୍କ ସ୍ୱର ମତେ ସ୍ପର୍ଶ କଲା । ଠିକ୍ ତ, ଅପର ମଣିଷଟି ପ୍ରତି ସମ୍ମାନବୋଧ, ସମ୍ବେଦନଶୀଳତା ହିଁ ସ୍ୱରରେ ଆପଣାପଣଭରେ । ମିଠା ମିଠା କଥାସବୁ ଆପେ ଆପେ କହିହୋଇଯାଏ ପ୍ରିୟ ଲୋକଟି ପାଖରେ। ସେଇଥିରେ ସମ୍ପର୍କ ଦୃଢ଼ ହୁଏ। ସବୁବେଳେ ତା' ନାଁରେ କମ୍ପ୍ଲେନ କରୁଛ । ଛାଡି ଦେଉନ ତାକୁ । ଆଉ କାହାକୁ ଠିକଣା କର । ଟିକେ କଅଁଳେଇ କହିଲି ମୁଁ ଆଉ ଜଲଦି ମୋ କାମ ସାରି ଅଫିସ ଯିବାକୁ ବାହାରି ପଡ଼ିଲି । ଝଡଟିଏ ବୋହିବାର ଉପକ୍ରମ କରୁଥିଲା। ତା' ପୁଅ ଫୋନ ଧରିଥିଲା । କେଜାଣି କ'ଣ ସବୁ ମିଛସତ କହୁଥିଲା ସେ । ବିରକ୍ତିରେ ଫୋନ କାଟିଦେଲି, କହିଲେ ସୁରୁଚି। ମୁଁ ଦାଣ୍ଡ ଦୁଆର ପାଖରେ ପହଞ୍ଚିବା ପୂର୍ବରୁ ଘଣ୍ଟି ବାଜିଲା । ସେପଟୁ ମାଳତୀର ସବୁଦିନିଆ ମିଠା ସ୍ୱରଟି ଭାସି ଆସୁଥିଲା । ମା' ଦୁଆର ଖୋଲ । ସୁରୁଚି ଉଠିପଡିଲେ ଚଉକି ଉପରୁ , ମତେ ପ୍ରାୟ ଠେଲି ଦେଇ ଦୁଆର ଖୋଲିବାକୁ ଆଗେଇ ଗଲେ । ଆସିଲୁ କି ମାଳତୀ, ତୋରି ପାଇଁ ତ ଚାହିଁ ବସିଥିଲି । ସୁରୁଚିଙ୍କ ମିଠା ମିଠା ସ୍ୱର ପରିବେଶକୁ ଅପୂର୍ବ ଏକ ମହକରେ ମହକେଇ ଦେଉଥିଲା ।

*– ଆର୍ ବି ଆଇ ଅଫିସର୍ସ କ୍ୱାର୍ଟର୍ସ, ମୁମ୍ବାଇ*
*ମୋ: ୯୯୩୦୮୨୭୪୪୮*

## ରୁଷି ଥିବା ସକାଳ

–ବିଜୟଲକ୍ଷ୍ମୀ ପାଣିଗ୍ରାହି

ତୁମ ସମଗ୍ର କମନୀୟତାକୁ ଅନୁକରଣ କରି
ଦେଖ ସମୁଦ୍ର ହସେ
ମନର ଅଝଟପଣରୁ ସ୍ୱର ଆଣି
ଗୀତଗାଏ ।
ହୃଦୟଟା ବିଶାଳ ବୋଲି
ଦିଗବଳୟକୁ ଛୁଏଁ ।

ନଈ ବୋହିଆଣି ଥିବା
ଯାବତୀୟ ଅହଙ୍କାର ଆଉ ଆବର୍ଜନାରେ
ପାହାଡେ ଓଜନ ହୁଏ ସମୁଦ୍ରର ଛାତି
ତଥାପି ପାଦତଳୁ ଚୋରି ହେଉଥାଏ ବାଲି
ମୁଠାଏ ମହାକାଶର ମୋହରେ
ପରମାୟୁ ସବୁ ବେଶ
ଲୁଣିଆ ପଡିସାରିଥାନ୍ତି
ଆଖିଏ ମେଘ ଆଉ ଛାତିଏ ଝଡ ଧରି
ସେ ଚିତ୍କାର କରେ / ମଥାପିଟେ
ଅମ୍ଳଜାନ ନ ଥିବା ପବନରେ
ବା କି ବିଶ୍ୱାସ ଥାଏ ଜୀବନର ଯେ ?
ଜିଇଁବାର ଯୁବତୀ ଇଚ୍ଛାଟେ କିନ୍ତୁ
ବାରବାର କବର ପାଉଥାଏ ଓଢଣା ତଳେ
ରୁଷି ବସିଥିବା
ସୁବର୍ଣ୍ଣ ସକାଳକୁ ଦେଖି ।

*–ଜୟପୁର, କୋରାପୁଟ*
*ମୋ: ୮୨୪୯୪୫୦୦୫୦*




ନୟନତାରା

# ବିଜ୍ଞାପନରୁ ଫିଲ୍ମ

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି ନୟନତାରା। ସେ ଇତିମଧ୍ୟରେ ଅଭିନୟ ଜଗତରେ ୨୦ ବର୍ଷ ପୂରଣ କରିଛନ୍ତି। ହେଲେ ସେ କିପରି ଆକ୍ଟିଂ ଦୁନିଆରେ ପାଦ ରଖିଲେ ଜାଣନ୍ତି ? ଏକଦା ନିର୍ଦ୍ଦେଶକ ସତ୍ୟନ ଅନ୍ତିକଡ ଏକ ମାଗାଜିନ୍ ଉପରେ ଆଖି ବୁଲାଉଥାଆନ୍ତି। ଏହି ସମୟରେ ଏକ ଜୁଏଲାରୀ ବିଜ୍ଞାପନ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଏହି ବିଜ୍ଞାପନଟିର ମଡେଲ ଥିଲେ ନୟନତାରା। ବାସ୍, ତା'ପରେ ସତ୍ୟନଙ୍କୁ ସତେ ଯେମିତି ଖୋଜିଲା ଚିଜ ମିଳିଯାଇଥିଲା। କାରଣ ସେ ତାଙ୍କର ଆଗାମୀ ମାଲାୟାଲାମ ଫିଲ୍ମ ପାଇଁ ଏକ ନୂଆ ମୁହଁ ସନ୍ଧାନରେ ଥାଆନ୍ତି। ବିଳମ୍ବ ନ କରି ସେ ନୟନତାରାଙ୍କ ସହ ଯୋଗାଯୋଗ କଲେ। ଏହି ଫିଲ୍ମରେ ଅଭିନୟ କରିବାକୁ ନୟନତାରା ମଧ୍ୟ ରାଜି ହୋଇଥିଲେ। ଏହାପରେ ଆଉ ନୟନତାରା ପଛକୁ ଫେରି ଚାହିଁ ନ ଥିଲେ। ଏ ନେଇ ସେ କହନ୍ତି, 'ଆଜି ମୁଁ ମୋ ଆକ୍ଟିଂ କ୍ୟାରିୟରକୁ ଜାରି ରଖିଛି, ଆଉ ତାହା ସମ୍ଭବ ହୋଇଛି କେବଳ ଦର୍ଶକମାନଙ୍କ ପାଇଁ। କାରଣ ସେମାନେ ଯଦି ମୋ ଅଭିନୀତ ସିନେମାଗୁଡିକ ଗ୍ରହଣ କରି ନ ଥାନ୍ତେ, ତେବେ ଆଜି ମୁଁ ଏପର୍ଯ୍ୟନ୍ତ ଇଣ୍ଡଷ୍ଟ୍ରିରେ ନ ଥାନ୍ତି। ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ପରଦା ଉପରକୁ ଆସିବାକୁ ଚାହିଁଥାଏ। ଆଉ ଏଭଳି ରୋଲ୍ ହିଁ ମୋ କ୍ୟାରିୟରକୁ ଆଗକୁ ବଢିବାରେ ସାହାଯ୍ୟ କରିଛି।' ନୟନତାରା ଏ ପର୍ଯ୍ୟନ୍ତ ମାଲାୟାଲାମ, ତେଲୁଗୁ, ତାମିଲ ଏବଂ କନ୍ନଡ ଫିଲ୍ମରେ ଅଭିନୟ କରିସାରିଛନ୍ତି। ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୩ରୁ। କିନ୍ତୁ ୨୦୨୩ରେ ରିଲିଜ ହୋଇଥିବା 'ଜୱାନ'ରୁ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ।


କରୀନା

# ବିଦେଶରେ ନୂଆବର୍ଷ

କରୀନା କପୁର ଏଥର ନୂଆବର୍ଷକୁ ବେଶ୍ ଧୂମଧାମ୍‌ରେ ପାଳନ କରିଛନ୍ତି। ଅବଶ୍ୟ ଏହି ସମୟରେ ସେ ଭାରତରେ ନ ଥିଲେ। କାରଣ ୨୦୨୪କୁ ସ୍ୱାଗତ କରିବାକୁ ସେ ଗତ କିଛି ସପ୍ତାହ ହେଲା ବିଦେଶରେ ଡେରା ପକାଇଛନ୍ତି। ସେଠାକୁ ସେ ଏକୁଟିଆ ଯାଇନାହାନ୍ତି, ସାଙ୍ଗରେ ସ୍ୱାମୀ ସୈଫ ଅଲ୍ଲୀ ଖାଁ ଏବଂ ଦୁଇ ପୁଅ ମଧ୍ୟ ଅଛନ୍ତି। ଏଥର ସେ ନୂଆବର୍ଷକୁ ସୁଇଜରଲ୍ୟାଣ୍ଡରେ ସ୍ୱାଗତ କରିଛନ୍ତି। ଏ ନେଇ କିଛି ଫଟୋ ସେ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏ ନେଇ କରୀନା କହନ୍ତି, '୨୦୨୪କୁ ମୁଁ ବିଦେଶରେ ୱେଲକମ୍ କରିବାକୁ ସ୍ଥିର କରିଥିଲି। ଯାହାହେଉ ସୁଇଜରଲ୍ୟାଣ୍ଡରେ ଭ୍ୟାକେସନ କଟାଉଥିବା ବେଳେ ଏହି ଆଶା ମୋର ପୂରଣ ହୋଇଛି। ଯେହେତୁ ଏବେ ମୋତେ ଶୁଟିଂରୁ କିଛି ମାସ ବ୍ରେକ୍ ମିଳିଛି ତେଣୁ ପରିବାର ସହ ମାଇଣ୍ଡଫ୍ରେସ କରିବାକୁ ମୁଁ ଫରେନ୍ ଟ୍ରିପ୍‌ରେ ଅଛି।' ଗତ ବର୍ଷ ତାଙ୍କ ଅଭିନୀତ ଗୋଟିଏ ହେଲେ ହିନ୍ଦୀ ସିନେମା ରିଲିଜ ହୋଇ ନ ଥିଲା। କିନ୍ତୁ ସେ ନିଜେ ପ୍ରଯୋଜନା ତଥା ଅଭିନୟ କରିଥିବା ୧୧୦ମିନିଟ୍ ଅବଧିବିଶିଷ୍ଟ ଇଂରାଜୀ ଫିଲ୍ମ 'ଦ ବକିଙ୍ଗହାମ ମର୍ଡରର୍ସ' ଗତ ବର୍ଷ ଅକ୍ଟୋବରରେ ମୁକ୍ତିଲାଭ କରିଥିଲା। ବର୍ତ୍ତମାନ ସେ ଅଭିନୟ କରିଥିବା 'ଦ କ୍ରୁ'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଅନ୍ୟପକ୍ଷରେ ଶୁଟିଂ ଚାଲିଥିବା 'ସିଙ୍ଘମ ଅଗେନ୍'ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ।


ଶ୍ରୁତି

# ସତ ହେଲା ଶ୍ରୁତିଙ୍କ ଭାବନା

କମଲ ହାସନଙ୍କ ଝିଅ ଶ୍ରୁତି ଯାହା ଭାବୁଥିଲେ ତାହା ଆଜି ସତରେ ପରିଣତ ହୋଇଛି। ଯେତେବେଳେ ଏହି ଫିଲ୍ମଟିର ଅଫର ମିଳିଲା ଏବଂ ସେ ଏହାର କାହାଣୀ ଓ ସେଥିରେ ନିଜ ଭୂମିକା ବିଷୟରେ ଅବଗତ ହେଲେ ତାଙ୍କ ମନକୁ ଗୋଟିଏ କଥା ଆସିଥିଲା। ତାହା ହେଉଛି ଏଭଳି ଦୃଢ଼ କାହାଣୀକୁ ନେଇ ପ୍ରସ୍ତୁତ ହେଉଥିବା ସିନେମାଟି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହେବ। ଶେଷରେ ତାହା ହିଁ ହେଲା। ତେବେ ସେହି ଫିଲ୍ମଟି କ'ଣ ଜାଣିବେନି। ସିନେମାଟି ହେଉଛି 'ସଲାର୍'। ଅନ୍ୟତମ ନାମୀ ନିର୍ଦ୍ଦେଶକ ତଥା 'କେଜିଏଫ' ଫେମ୍ ପ୍ରଶାନ୍ତ ନୀଲଙ୍କ ନିର୍ଦ୍ଦେଶିତ ତଥା ମେଗା ଷ୍ଟାର ପ୍ରଭାସଙ୍କ ଅଭିନୀତ ଏହି ଫିଲ୍ମ ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଏ ନେଇ ଶ୍ରଦ୍ଧା କହନ୍ତି, 'ଯାହାହେଉ ଏହି ଫିଲ୍ମଟିରେ ଅଭିନୟ କରିଥିବାରୁ ମୁଁ ଗର୍ବ ଅନୁଭବ କରୁଛି। ପ୍ରଶାନ୍ତଙ୍କ ପରି ନିର୍ଦ୍ଦେଶକଙ୍କ କ୍ୟାମ୍ପରେ କାମ କରିବା ଭାଗ୍ୟରେ ଥିଲେ ମିଳେ। ସବୁଠାରୁ ଖାସ୍ କଥା ହେଲା, ଫିଲ୍ମଟି ହିଟ୍ ହେବ ବୋଲି ମୋ ମନରେ ଯେଉଁ ଧାରଣା ଥିଲା ତାହା ସତରେ ପରିଣତ ହୋଇଛି। ଏ ନେଇ ଦର୍ଶକମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।' ସୂଚନାଯୋଗ୍ୟ ଇତିମଧ୍ୟରେ 'ସଲାର୍' ୫୦୦କୋଟିରୁ ଊର୍ଦ୍ଧ୍ୱ ବିଜନେସ୍ କରିସାରିଲାଣି।

# ଟାଇଟଲ ମିଶନ

ରଣବୀର କପୁରଙ୍କ ଖୁସି କହିଲେ ନ ସରେ। କାରଣ ବେଶ୍ କିଛି ବର୍ଷ ପରେ ସେ ପୁଣି ଥରେ ନିଜ ମନ ପସନ୍ଦର ନିର୍ଦ୍ଦେଶକଙ୍କ ସହ କାମ କରିବେ। ଯଦିଓ ଏ ନେଇ ସବୁକଥା ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର ଫିଲ୍ମଟି ଫ୍ଲୋର୍‌କୁ ଆସିବ, ହେଲେ ସେଥିରେ ଟିକେ ପ୍ରୋବ୍ଲେମ ରହିଯାଇଛି। ଏହି ନୂଆ ସିନେମାର ମନଲାଖି ଟାଇଟଲଟିଏ ମିଳିପାରୁନାହିଁ। ତେବେ ରଣବୀରଙ୍କ ମନପସନ୍ଦର ନିର୍ଦ୍ଦେଶକ କିଏ ଜାଣିବେନି? ସେ ହେଉଛନ୍ତି ରାଜ କୁମାର ହିରାନୀ। ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ସଞ୍ଜୁ'ର ଟାଇଟଲ ଭୂମିକାରେ ରଣବୀର ଅଭିନୟ କରିଥିଲେ। ଏହି ଫିଲ୍ମଟି ସଞ୍ଜୟ ଦତ୍ତଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଥିଲା। ତା' ସହ ବକ୍ସ ଅଫିସରେ ଭଲ ବିଜନେସ୍ ମଧ୍ୟ କରିଥିଲା। ଏବେ ହିରାନୀ ତାଙ୍କର ନୂଆ ସିନେମାରେ ପୁଣି ଥରେ ରଣବୀରଙ୍କୁ ନେଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ହିରାନୀ ସାର୍ ମୋତେ ଫୋନ୍ କଲେ ସେତେବେଳେ ମୁଁ ବିଶ୍ୱାସ କରିପାରି ନ ଥିଲି। ହେଲେ ଏହି ଫିଲ୍ମଟିର ଟାଇଟଲ ଫାଇନାଲ ହୋଇନାହିଁ। ଦୁଇ ସପ୍ତାହ ଭିତରେ ଆମର ଏହି ଟାଇଟଲ ମିଶନ ଫାଇନାଲ ହେବ ବୋଲି ସ୍ଥିର କରିଛୁ।' ତେବେ ଏଥର ଦର୍ଶକଙ୍କୁ ହିରାନୀ-ରଣବୀରଙ୍କ କାମ କେତେ ଏଣ୍ଟରଟେନ୍ କରିବ ତାହା ରିଲଜ ପରେ ଜଣାପଡିବ।


କ୍ୟାଟ୍ରିନା


ରଣବୀର

# ଭୁଲନ୍ତି ନାହିଁ କ୍ୟାଟ୍ରିନା

ଯେତେ ବ୍ୟସ୍ତ ରହିଲେ ମଧ୍ୟ କ୍ୟାଟ୍ରିନା ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ନିଜ ଫିଟ୍‌ନେସ୍‌କୁ ନେଇ ସେ ବେଶ୍ ସଚେତନ। ତେଣୁ ପ୍ରତିଦିନ ସକାଳୁ କିଛି ସମୟ ବ୍ୟାୟାମ କରିବାକୁ ସେ ଭୁଲି ନ ଥାନ୍ତି। କେବଳ ସେତିକି ନୁହେଁ, ଏହାସହ ଖାଦ୍ୟାପେୟ ପ୍ରତି ଧ୍ୟାନ ଦେଇଥାଆନ୍ତି। ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ଫିଟ୍‌ନେସ୍‌କୁ ନେଇ ମୁଁ ସବୁବେଳେ ସଚେତନ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଯେମିତି ହେଲେ କିଛି ସମୟ ଏକ୍ସରସାଇଜ କରିଥାଏ। ଏପରି କି ଏହି ତାଲିକାରେ ଯୋଗ, ପ୍ରାଣାୟମକୁ ମଧ୍ୟ ସାମିଲ କରିବାକୁ ଭୁଲି ନ ଥାଏ।' କ୍ୟାଟ୍ରିନାଙ୍କ ଜନ୍ମ ହଂକଂରେ। ଲଣ୍ଡନରେ ସମ୍ପୂର୍ଣ୍ଣ ଭାବରେ ରହିବା ପୂର୍ବରୁ ସେ ଅନେକ ଦେଶ ଭ୍ରମଣ କରିସାରିଥିଲେ। ତାଙ୍କର ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା 'ବୁମ୍' (୨୦୦୩)ରୁ। ଗତବର୍ଷ ସଲମାନ-କ୍ୟଟ୍ରିନାଙ୍କ ଅଭିନୀତ 'ଟାଇଗର-୩' ମୁକ୍ତିଲାଭ କରିଥିଲା। ୩୦୦କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସରେ ୪୬୬କୋଟି ବିଜନେସ୍ କରିସାରିଛି।


ଅଭିଷେକ-ବୁଲବୁଲି

# ଏଇ ଆମ ପ୍ରେମ କାହାଣୀ

ନୂଆ ଓଡ଼ିଆ ସିନେମା 'ଏଇ ଆମ ପ୍ରେମ କାହାଣୀ : ଲୁହ ଆଉ ଲହୁରେ ଲେଖା' ରିଲିଜ ଅପେକ୍ଷାରେ ରହିଛି। ଉଦୟ ସେଠୀ ଫିଲ୍ମସ ଏବଂ ସନ ମ୍ୟୁଜିକ୍ ବ୍ୟାନରରେ ମିଳିତ ଭାବରେ ଏହାକୁ ନିର୍ମାଣ କରାଯାଇଛି। ଖାସ୍ କଥା ହେଲା ଏହାର ଚିତ୍ରନାଟ୍ୟ, ଚିତ୍ର ଗ୍ରହଣ, ନୃତ୍ୟ ନିର୍ଦ୍ଦେଶନା, ଫାଇଟ, ସମ୍ପାଦନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ରବୀନ୍ଦ୍ର ପ୍ରଧାନ। ଫିଲ୍ମଟିର ପ୍ରଯୋଜକ ହେଉଛନ୍ତି ଉଦୟ ଶଙ୍କର ସେଠୀ ଏବଂ ସହ ପ୍ରଯୋଜନା କରିଛନ୍ତି ସଞ୍ଜୟ କୁମାର ରାଉତ। 'ଏକ ଭିନ୍ନଧରଣ ପ୍ରେମ କାହାଣୀକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି। ଏଥିରେ ଦର୍ଶକ ଲଭ୍, ଇମୋଶନ, କମେଡି ଓ ଫାଇଟ୍‌ର ମଜା ନେଇପାରିବେ। ଶୁଟିଂ ସମୟରେ କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯିବ ସେ ନେଇ ଚେଷ୍ଟା କରାଯାଇଛି। ଆଶା ରଖିଛି, ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ। ଏହି ଚଳଚ୍ଚିତ୍ରଟିର ନାୟକ ସାଜିଛନ୍ତି ଅଭିଷେକ ରଥ ଏବଂ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ବୁଲବୁଲି। ବିଭିନ୍ନ ଭୂମିକାରେ ଅଶ୍ରୁମୋଚନ ମହାନ୍ତି, ଶ୍ରୀତମ ଦାସ, ନୀଳମଣି ସାହୁ ଓ ସୁମନ ମହାରଣାଙ୍କୁ ଦେଖିବାକୁ ମିଳିବ। ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଚନ୍ଦନ କୁମାର। ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଏବଂ ଅସୀମା ପଣ୍ଡା। ଏହାର ଡିଷ୍ଟ୍ରିବ୍ୟୁସନ ଦାୟିତ୍ୱ ନେଇଛନ୍ତି ସନ ମ୍ୟୁଜିକ।

# ଲାଜୁଆ ହସକୁ ଚୋରା ଚାହାଣୀ, ସେଇଠୁ ଆରମ୍ଭ ପ୍ରେମ କାହାଣୀ

**ପ୍ରଶ୍ନ–**ଜଣେ ଝିଅ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?
–ପ୍ରଶାନ୍ତ ସାହୁ, ନବରଙ୍ଗପୁର

**ଉତ୍ତର:** କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! 'ଲାଜୁଆ ହସକୁ ଚୋରା ଚାହାଣୀ, ସେଇଠୁ ଆରମ୍ଭ ପ୍ରେମ କାହାଣୀ'। ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।

**ପ୍ରଶ୍ନ–**ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ? –ବିନୟ କୁମାର, ଢେଙ୍କାନାଳ

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ଆଉ ତା' କଥାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନାହିଁ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ–**ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ମୋତେ ତ ସେମିତି କିଛି ଲାଗୁନାହିଁ। କ'ଣ କରିବି ? –ପ୍ରସନ୍ନ କୁମାର ନାୟକ,ଜଗତ୍‌ସିଂହପୁର

**ଉତ୍ତର:**କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱୋ ଭି ପସ୍ତାୟା। ଏହି ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ–**ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?
–ପ୍ରମୋଦ, ସୋନପୁର

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ–**ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡ଼ିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?
–ବିଜୟ କୁମାର, ଯାଜପୁର

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକାର ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ଆପଣଙ୍କର ସୁନ୍ଦର ପ୍ରେମ କବିତା ଲେଖିବାରେ ପତୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡ଼ିକୁ ପଢ଼ିବାକୁ ଚେଷ୍ଟା କରିବେ।




## ପ୍ରଥମ ରୋଜଗାର

# ଶାଢ଼ି ଦେଖି ବୋଉ ବହୁତ କାନ୍ଦିଥିଲା



ସାହିତ୍ୟିକ **କାମଦେବ ମହାରଣା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି..

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ବଡଗୋଲା ଗାଁରେ ମୋର ଜନ୍ମ। ଏକ ପାର୍ଶ୍ୱରେ ଆସମୁଦ୍ର ବିସ୍ତୃତ ଗୋବରୀ ପାଟ, ପାଟ ଭିତରେ ଅବଶିଷ୍ଟ ଚାଖଣ୍ଡେ ଲମ୍ଫର ଦରମରି ସୁନାମୁହିଁ ନଈ ଓ ଅନ୍ୟ ପାର୍ଶ୍ୱରେ ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର। ସେଇଠି କଟିଛି ମୋର ଶୈଶବ, କୈଶୋର ଓ ଆଦ୍ୟ ଯୌବନ। ସେଇଠୁ ଶିଖିଛି ଜୀବନ ଜିଇବାର ଗୂଢ଼ ରହସ୍ୟ। ଆମର ଚାଷୀବନ୍ଧୀ ଘର, ଅଭାବଗ୍ରସ୍ତ ପରିବାର। ସେ ଘରେ ବୋଉ ବାପାଙ୍କ ଅର୍ଥନୈତିକ ପରାମର୍ଶଦାତ୍ରୀ। ରୋଜଗାର କହିଲେ ସାତମାଣ ଚାଷଜମିର ଧୋଇମରୁଡ଼ିଗ୍ରସ୍ତ ଫସଲ, ନଡ଼ିଆ ଆଉ ବାଉଁଶରୁ ଯାହା ବାର୍ଷିକ ଆୟ। ସେଥିରେ ପୁଣି ଦଶଦିଗରେ ଖର୍ଚ୍ଚ। ବାପା ଅଣନିଃଶ୍ୱାସୀ ହୁଅନ୍ତି, ବୋଉ ଚାରିକଣ ଓଳେଇ ଘର ଚଳାଏ। ବୋଉ କହେ ପିଲାଦିନେ ମୁଁ ଥିଲି ପ୍ରବଳ ଜିଦିଖୋର। ମତେ ସବୁ ଦରକାର। ନ ହେଲେ ଅବିଶ୍ରାନ୍ତ କାନ୍ଦ, ଆଡରୁଷା। ବୋଉ ବିରକ୍ତ ହୁଏ। ମତେ ଚୁନି କରାଇ ଖୁଆଇ ଦେଇ କହେ– ତୁ ପାଠପଢ଼ି ମଣିଷ ହୋଇ ରୋଜଗାର କଲେ ସିନା ସବୁ କିଛି କିଣିପାରିବୁ। ପ୍ରଥମ ରୋଜଗାର କଥା ଉଠିଲେ ସ୍ମୃତିପଟରେ ଅନେକ କଥା ଉଙ୍କି ମାରେ। ପିଲାଦିନେ ଗାଁରେ ସାଙ୍ଗମାନଙ୍କ ସହିତ ମିଶି ଚକୋଲେଟ ଆଉ ବାଦାମର ବିଫଳ ବେପାର। ପୁଣି ମନେପଡ଼େ ଭୋର ଯୌବନରେ ଘରୋଇ ଟ୍ୟୁସନ। ଜୀବନ ସଂଘର୍ଷ ଭିତରେ ରୋଜଗାର ଖୋଜିଖୋଜି ରେଲ୍‌ୱେ କୋଚିଂ ଡିପୋରେ ବେସରକାରୀ ଠିକା ଚାକିରି। ସେଥିରୁ ମିଳୁଥିବା ଅର୍ଥ ପେଟ ପାଇଁ ନିଅଣ୍ଟ। ୨୦୦୬ ମସିହାରେ ଭାରତୀୟ ରେଳପଥରେ ସ୍ଥାୟୀ କର୍ମଚାରୀ ଭାବରେ ଯୋଗଦାନ ପରେ ମିଳିଥିବା ପ୍ରଥମ ଦେଢ଼ମାସର ଦରମା ହିଁ ଥିଲା ମୋର ପ୍ରଥମ ରୋଜଗାର। ମନେଅଛି ସେ ଲୁହ ସଜଳ ଖୁସିର ଦିନ। ସେପ୍ଟେମ୍ବର ମାସର ୧ତାରିଖ ଦିନ ମୋ ବିଭାଗୀୟ ଯନ୍ତ୍ରୀ ଫୋନ କଲେ ଶୀଘ୍ର ଅଫିସ ଆସିବା ପାଇଁ। ଆଜି ପେ ଅଫିସର ଆସିଛନ୍ତି, ଦରମା ମିଳିବ। ଅଫିସରେ ପହଞ୍ଚିଲା ବେଳକୁ ସେଠାରେ ପ୍ରବଳ ଭିଡ଼। କିଛି ସମୟ ପରେ ମୋ ନାଁ ଡକାହେଲା। ରେଭିନ୍ୟୁ ଷ୍ଟାମ୍ପ ଉପରେ ଦସ୍ତଖତ କରି ସବୁତକ ଟଙ୍କା ହାତରେ ଧରୁଧରୁ ମୋ ଆଖିରୁ ଦୁଇଟୋପା ଲୁହ ଗଡିଗଲା। ମନେପଡ଼ିଲା ବୋଉ କହିଥିବା ପିଲାଦିନର ଏକ ଘଟଣା। ଦିନେ ଆମର ଅଭାବ ଥିଲା। ବୋଉ ବାପା ମଝିଆପା ସେମାନଙ୍କର ଯାବତୀୟ ସୁଖ ତ୍ୟାଗକରି ଆମ ଚାରିଭାଇଙ୍କୁ ମଣିଷ କରିବାରେ ଲାଗିଥିଲେ। ସେଥିରେ ବେଶି ହୀନିମାନି ଦିଶୁଥିଲା ବୋଉ। ଦିନେ ବୋଉ ମତେ କାଖେଇନେଇ ଗ୍ରାମଦେବତାଙ୍କ ପାଖରେ ସଞ୍ଜ ଦେଉଥିଲା। ମୋ ଆଖିରେ ପଡିଲା ତା'ର ଚିରା କାନି। ମୁଁ କେଉଁଠି ଠାକୁରାଣୀ ପାଖରେ ମୁଣ୍ଡିଆ ମାରି କହିଲି – ମା' ନାରାୟଣୀ, ମତେ ବହୁତ ପାଠ ଦିଅ। ମୁଁ ଚାକିରି କଲେ ବୋଉ ପାଇଁ ନୂଆଲୁଗା କିଣିଦେବି। ଏକଥା ବୋଉ ଯେତେଥର ମନେପକାଏ ସେତେଥର କାନ୍ଦେ। ମୋ ମୁଣ୍ଡରେ ହାତବୋଳି କୁହେ– ମୋ ଧନର କେତେ ବୁଦ୍ଧି। ପ୍ରଥମ ରୋଜଗାରର ଟଙ୍କାତକ ହାତରେ ଧରିବା ବେଳେ ମନେପଡ଼ିଲା ବୋଉର ଲୁହଓଦା ମୁହଁ। ସେଇଠୁ ସିଧା ଯାଇ ଖରିଆର ରୋଡ ମାର୍କେଟ୍‌ରୁ ଗୋଟିଏ ସୂତା ଶାଢ଼ି କିଣିଲି। ପୁଣି କିଣିଲି ବାପାଙ୍କ ପାଇଁ ଖଦି ପଞ୍ଜାବି ଓ ଏକ କାନ୍ଧଝୁଲା ବ୍ୟାଗ୍। ଦଶହରାକୁ ଛୁଟି ନେଇ ଗାଁକୁ ଗଲି। ବୋଉ ସେ ଶାଢ଼ି ଦେଖି ଖୁବ୍ କାନ୍ଦିଲା। ସେଇଠୁ ସିଧା ମତେ ନେଇ ଠାକୁରାଣୀଙ୍କ ପାଖକୁ ଗଲା। ମାଟିରେ ମୁଣ୍ଡ ବାଡ଼େଇ ଜଣେଇଲା ଧନ୍ୟବାଦ। ମୋ ମୁଣ୍ଡ ମାଟିରେ ଲଗେଇ କହିଲା ମା' ଲୋ ତୋ ଦୟାରେ ମୋ ପୁଅ ତା' କଥା ରଖିଲା। ତାକୁ ଘଣ୍ଟ ଘୋଡ଼େଇ ରଖିଥା ଲୋ ମା'। ସେ ଦିନ ସବୁ କାଲି ପରି ଲାଗେ। ବାପା ବୋଉ ଏବେ ଆକାଶର ତାରା। ହେଲେ ତାଙ୍କରି ଆଶୀର୍ବାଦରୁ ଏବେ ମୁଁ ଚାକିରି ସାଙ୍ଗକୁ ଗପ, କବିତା, ଉପନ୍ୟାସ ଆଦି ଲେଖି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଯା'ଭିତରେ କବି, ଛାଇ ସହ ସବୁଦିନ, କଫି ବଗିଚା ନାମରେ ତିନୋଟି କବିତା ସଂକଳନ ତଥା ଦେବୀ ନାମରେ ଏକ ଉପନ୍ୟାସ ପ୍ରକାଶିତ ହୋଇ ମୋତେ ଅନେକ ପାଠକୀୟ ସ୍ୱୀକୃତି ଦେଇଛି।

# ଚିତ୍ରରେ ଚିତ୍ରରେ ପରିବେଶ

**ପ୍ରକୃତିର ରୂପବର୍ଣ୍ଣାଳିକୁ ଦେଖି ନିଜ ମନରେ ଉଙ୍କିମାରୁଥିବା ଚିତ୍ରକୁ ରଙ୍ଗତୂଳିର କାନ୍‌ଭାସ୍‌ରେ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କନ କରିଥାନ୍ତି ଦୁଇଜଣ ଯୁବ ଶିଳ୍ପୀ ସେମାନେ ହେଉଛନ୍ତି ସ୍ମୃତିରଞ୍ଜନ ବେହେରା ଓ ବିକାଶ କୁମାର ପଣ୍ଡା। ଉଭୟଙ୍କ ସ୍ୱତନ୍ତ୍ରତା ହେଲା ପ୍ରକୃତିକୁ ନେଇ ଚିତ୍ର ଆଙ୍କିବା..**


ବିକାଶ









ଶିଳ୍ପୀର ଯାଦୁକରୀ ସ୍ପର୍ଶରେ ପାଷାଣ ଦେହରେ ବି ପ୍ରାଣ ସଞ୍ଚାର ହୁଏ । ପ୍ରକୃତିର ରୂପବର୍ଣ୍ଣାଳିକୁ ଦେଖି ନିଜ ମନରେ ଉଙ୍କିମାରୁଥିବା ଚିତ୍ରକୁ ତା' ରଙ୍ଗତୂଳିର କାନ୍‌ଭାସ୍‌ରେ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କନ କରିଥାନ୍ତି। ସେମିତି ଦୁଇଜଣ ଯୁବ ଶିଳ୍ପୀ ହେଉଛନ୍ତି **ସ୍ମୃତିରଞ୍ଜନ ବେହେରା** ଓ **ବିକାଶ କୁମାର ପଣ୍ଡା**। ଉଭୟଙ୍କ ସ୍ୱତନ୍ତ୍ରତା ହେଲା ପ୍ରକୃତିକୁ ନେଇ ଚିତ୍ର ଆଙ୍କିବା। ସ୍ମୃତିରଞ୍ଜନଙ୍କ ଜନ୍ମ ୩୧।୧।୨୦୦୩ରେ। ମା' ମେନକା ବେହେରା, ପିତା କିଶୋରଚନ୍ଦ୍ର ବେହେରା। ଘର କଳାହାଣ୍ଡି ଜିଲା ଭବାନୀପାଟଣାରେ । ସେ କୁହନ୍ତି, 'ସ୍କୁଲ ବୟସରୁ ମୋର ଚିତ୍ରାଙ୍କନ ପ୍ରତି ରୁଚି ରହିଥିଲା। ସିଟିଜେନ ଇଂଲିଶ ମିଡିୟମ ସ୍କୁଲ ଭବାନୀପାଟଣାରେ ମାଟ୍ରିକ୍ୟୁଲେଶନ ଏବଂ ଇନ୍ଦିରା ଗାନ୍ଧୀ ସରକାରୀ ମହାବିଦ୍ୟାଳୟ ବ୍ରହ୍ମପୁରରେ ଯୁକ୍ତ୨ ପାଠପଢ଼ା ସମୟରେ ଚିତ୍ର ଅଙ୍କନ ଅଭ୍ୟାସ ଜାରି ରଖିଥିଲି। କିନ୍ତୁ ଯୁକ୍ତ ୨ ଶେଷ କରିବା ପରେ କିପରି ଚିତ୍ରକଳାରେ ପାଠ ପଢ଼ିବି ସେଥିପାଇଁ ଭୁବନେଶ୍ୱର ଆସିଥିଲି। ଏବେ ମୁଁ ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟରେ ବିଭିଏର ସ୍ପେଶାଲାଇଜେଶନ ପେଣ୍ଟିଂ ବିଭାଗରେ ଶିକ୍ଷାଲାଭ କରୁଛି। ମୁଁ ବିଶେଷକରି ପ୍ରାକୃତିକ ପରିବେଶ , ବୃକ୍ଷଲତାର ସୁରକ୍ଷା, ସ୍ୱଚ୍ଛପରିବେଶ ଉପରେ ଆଧାରିତ ଚିତ୍ର ଅଙ୍କନ କରିଥାଏ। ଧଉଳି ଆର୍ଟ କଲେଜ ତରଫରୁ ଆୟୋଜିତ ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା-୨୦୧୯, ଲଳିତକଳା କେନ୍ଦ୍ର ଆସାମ ତରଫରୁ ରାଜା ରବିବର୍ମା ଇଣ୍ଟରନ୍ୟାଶନାଲ ଆୱାର୍ଡ-୨୦୨୧, କଳାହାଣ୍ଡି ଆର୍ଟ ଫାଉଣ୍ଡେଶନ ଆୟୋଜିତ ଜାତୀୟ ଶିଶୁ ଆର୍ଟ -୨୦୧୫, ଓଡ଼ିଶା ୟୁନିଭରସିଟି ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ ଟେକ୍ନୋଲୋଜି ଏବଂ ଇଣ୍ଡିଆନ କାଉନସିଲ ଅଫ୍ ଏଗ୍ରିକଲ୍‌ଚର ରିସର୍ଚ୍ଚ ନୂଆଦିଲ୍ଲୀ ୨୦୧୯, ଲିଟିଲ ଆର୍ଟ କ୍ୟାମ୍ପରେ ନ୍ୟାଶନାଲ ଅନ୍‌ଲାଇନ ଚାଇଲ୍ଡ ଆର୍ଟ ପ୍ରତିଯୋଗିତା-ଧଉଳି କଲେଜ ଆର୍ଟ ଆଣ୍ଡ କ୍ରାଫ୍ଟ, ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ୨୦୧୮ରେ ଆର୍ଟ କରି ପୁରସ୍କୃତ ହୋଇଛି। ତେବେ ରାଜ୍ୟସ୍ତରୀୟ ଓଡ଼ିଶା ଷ୍ଟେଟ୍ କାଉନ୍‌ସିଲ ଫର୍ ଚାଇଲ୍ଡ ୱେଲଫେୟାର ତରଫରୁ ଆୟୋଜିତ ଆର୍ଟ ପ୍ରତିଯୋଗିତାରେ ଦ୍ୱିତୀୟ, ବିଶ୍ୱ ପରିବେଶ ଦିବସ, ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ କଳାହାଣ୍ଡି, ୱାର୍ଲ୍ଡ ରେଡ୍‌କ୍ରସ ଡେ, କଳାହାଣ୍ଡି ଜିଲା କଂଗ୍ରେସ କମିଟି, ମହାବୀର ମହୋତ୍ସବ ଭବାନୀ ପାଟଣା ଆଦି ସ୍ଥାନରୁ ପୁରସ୍କୃତ ହୋଇଛି। ମୋର ଏହି ସ୍ୱପ୍ନ ପୂରାକରିବା ପଛରେ ପରିବାର ସଦସ୍ୟଙ୍କ ପ୍ରୋତ୍ସାହନ ରହିଛି। କାରଣ ସେମାନେ ଜାଣିଥିଲେ ଯେ ମୁଁ ଚିତ୍ର ଅଙ୍କନ କରିବାକୁ ବହୁତ ଭଲ ପାଉଥିଲି। ମୋର ଚିତ୍ର ଗୋଟିଏ ଗୋଟିଏ କାହାଣୀର କଥା କହିଥାଏ । ଚିତ୍ରଟିଏ ସମ୍ପୂର୍ଣ୍ଣ କରିସାରିଲା ପରେ ମୋତେ ଆତ୍ମସନ୍ତୋଷ ମିଳେ । ଏଯାଏ ପ୍ରାୟ ୪ ଶହ ପ୍ରତିଯୋଗିତା ପାଇଁ ଚିତ୍ର ଆଙ୍କି ସାରିଲିଣି। ଗୁରୁ ମୁକୁନ୍ଦ ରେଣ୍ଡୀ ଓ ଚନ୍ଦନ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ମୋର ଏହି ଚିତ୍ରକଳାର ସ୍ୱପ୍ନ ସାକାର ହୋଇପାରିଛି।

ଯାଜପୁର ଜିଲା ରାହାସ ଗୁହାଳି ଗ୍ରାମର ତ୍ରିଲୋଚନ ପଣ୍ଡା ଓ ସନ୍ଧ୍ୟାରାଣୀ ପଣ୍ଡାଙ୍କ ପୁତ୍ର ହେଲେ **ବିକାଶ କୁମାର ପଣ୍ଡା**। ସେ ପିଲାଦିନରୁ ବିଭିନ୍ନ ଫୁଲଫଳ, ଗଛଲତା ଆଦିର ଚିତ୍ର ଅଙ୍କନ କରିବାକୁ ଖୁବ୍ ଭଲ ପାଉଥିଲେ। ଏଥିରେ ଅନ୍ୟମାନେ ତାଙ୍କୁ ଉତ୍ସାହିତ କରୁଥିଲେ। ସମୟକ୍ରମେ ବ୍ଲକସ୍ତରୀୟ, ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇ ସେ ପ୍ରଥମ ସ୍ଥାନ ହାସଲ କରୁଥିବାରୁ ବିଦ୍ୟାଳୟର ଶିକ୍ଷକମାନେ ବିକାଶଙ୍କୁ ଭବିଷ୍ୟତରେ ଜଣେ ଚିତ୍ରଶିଳ୍ପୀ ହେବାପାଇଁ ପରାମର୍ଶ ଦେଇଥିଲେ। ବିକାଶ ଭାସ୍କର ସାମଲ ଉଚ୍ଚବିଦ୍ୟାଳୟରୁ ୧୦ମ ପାସ୍ କରି ଲଛମନ ବାଲାଜୀ ହାୟର ସେକେଣ୍ଡାରି ସ୍କୁଲରୁ ଯୁକ୍ତ୨ ପଢ଼ିଥିଲେ। କିନ୍ତୁ ଚିତ୍ରକଳା ପ୍ରତି ତାଙ୍କ ମନରେ ପ୍ରବଳ ଦୁର୍ବଳତା ରହିଥିବାରୁ କିପରି ଚିତ୍ରକଳାରେ ସେ ତାଲିମ ନେବେ ସେଥିପାଇଁ ଚିନ୍ତା ଘାରିଥିଲା। ଏହାପରେ ସେ ଭୁବନେଶ୍ୱର ଧଉଳି ଚାରୁ କାରୁକଳା ମହାବିଦ୍ୟାଳୟରେ ନାମ ଲେଖାଇଥିଲେ। ଏଠାରେ ଅଧ୍ୟାପକଙ୍କ ପ୍ରେରଣା ପାଇଁ ୱାଟରକଲର ବିଭାଗରେ ତାଲିମ ପାଇଥିଲେ। ଜଳରଙ୍ଗ ଦ୍ୱାରା ବୃକ୍ଷଲତା, ଜୀବଜନ୍ତୁ ଓ ପ୍ରାକୃତିକ ପରିବେଶ ସୁରକ୍ଷା ବିଷୟକୁ ଆଧାରକରି ସୁନ୍ଦର ସୁନ୍ଦର ଚିତ୍ର ଅଙ୍କନ କରିଥିଲେ। ଏଥିଯୋଗୁ ତାଙ୍କର ପ୍ରତିଭାକୁ ବିଭିନ୍ନ ସଂସ୍ଥାରୁ ପୁରସ୍କାର ମିଳିବାରୁ ସେ ବହୁତ ଖୁସି ହୋଇଥିଲେ। ତେବେ ଓଡ଼ିଶା ଟୁରିଜମ, ସଂସ୍କୃତି ବିଭାଗ ଏବଂ ଲଳିତକଳା ଏକାଡେମି ତରଫରୁ ଆୟୋଜିତ ପେଣ୍ଟିଂ ପ୍ରତିଯୋଗିତାରେ ସେ ପ୍ରଥମ ହେଲେ। ଏଯାଏ ପ୍ରାୟ ୩ଶହ ୱାଟରକଲରରେ ଚିତ୍ର ଅଙ୍କନ କରିସାରିଲେଣି। ସେ କୁହନ୍ତି, ଅଧିକାଂଶ ଜଳରଙ୍ଗରେ ଚିତ୍ର କରିଥାଏ । ଏମିତିରେ ବିଭିନ୍ନ ଗ୍ରାମ ଓ ସହରରେ ବୁଲି ବୁଲି ଆଖିକୁ ସୁନ୍ଦର ଦିଶୁଥିବା ବିଭିନ୍ନ ଦୃଶ୍ୟକୁ ଡ୍ରଇଂ ପେପରରେ ଚିତ୍ର ଅଙ୍କନକରି ସେଥିରେ ଆବଶ୍ୟକ ରଙ୍ଗକୁ ଦେଇଥାଏ। ଯେତେବେଳେ ଚିତ୍ରଟି ସମ୍ପୂର୍ଣ୍ଣ ହୋଇଯାଏ ମୋ ମନରେ ଏକ ଖୁସିର ଲହରି ଖେଳିଯାଏ । ମୋ ମତରେ ଯୁବ ଶିଳ୍ପୀମାନଙ୍କ ପ୍ରତିଭାର ବିକାଶ ପାଇଁ ଆବଶ୍ୟକ ପ୍ରୋତ୍ସାହନ ଓ ସୁଯୋଗ ସୃଷ୍ଟିକରାଯିବା ଉଚିତ। ଆଗାମୀ ପିଢ଼ି ଏଥିଯୋଗୁ ଅଗ୍ରସର ହୋଇପାରିବ।

-ବନବିହାରୀ


ସ୍ମୃତିରଞ୍ଜନ





ସନ୍ଲିସା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଡେରି

ଶିକ୍ଷକ ଚିଣ୍ଟୁକୁ: ଏତେ ଡେରିରେ ସ୍କୁଲ ଆସିବାର କାରଣ କ'ଣ ?
ଚିଣ୍ଟୁ: ବାପା ମା' ଝଗଡ଼ା ଲାଗିଥିଲେ।
ଶିକ୍ଷକ: ସେମାନେ ତ ଝଗଡ଼ା କରୁଥିଲେ ତୁ କାହିଁକି ଡେରିରେ ଆସିଲୁ ?
ଚିଣ୍ଟୁ: ମୋ ଜୋତାର ଗୋଟେ ପଟ ବାପାଙ୍କ ହାତରେ ଆଉ ଅନ୍ୟଟି ମାମାଙ୍କ ହାତରେ ଥିଲା।

## କୁକୁର

ଦୋକାନୀ ରାହୁଲକୁ: ଆଜ୍ଞା କ'ଣ ଦେବି ?
ରାହୁଲ: ମୋ' ଭାବି ପତ୍ନୀଙ୍କ କୁକୁର ପାଇଁ ବିସ୍କୁଟ୍ ଦରକାର।
ଦୋକାନୀ: ଆଚ୍ଛା ! ତେବେ ଏଇଠି ଖାଇବେ ନା ପ୍ୟାକ୍ କରିଦେବି ?

## ଲେଟ୍

ଇଂରାଜୀ କ୍ଲାସ୍‌ରେ ସୋନୁ ଲେଟ୍‌ରେ ପହଞ୍ଚିବାରୁ ଶିକ୍ଷକ: ହ୍ୱାଏ ଆର୍ ୟୁ ସୋ ଲେଟ୍ ?
ସୋନୁ: କଥା କ'ଣ କି ସାର୍..
ଶିକ୍ଷକ: ଟେଲ୍ ମି ଇନ୍ ଇଂଲିଶ୍..
ସୋନୁ: ସାର୍, ମାଇଁ ପାପାସ୍ ବାଇକ୍ ଓ୍ୱାଜ୍ ଫସିଂ ଇନ୍ କାଦୁଅ। ନୋ ହିଲିଂ, ନୋ ଡୁଲିଂ... ଓନ୍ଲି ଭୁମ୍.. ଭୁମ୍.. କରିଙ୍ଗ୍।



# ସ୍ୱଚ୍ଛ ଗାଁ ମୌଲିନ୍ନଙ୍ଗ

**ମୌଲିନ୍ନଙ୍ଗ ଗାଁ ନିଜର ପ୍ରାକୃତିକ ସୁନ୍ଦରତା ସହିତ ସଫାସୁତରା ତଥା ସ୍ୱଚ୍ଛତା ପାଇଁ କେବଳ ମେଘାଳୟ ନୁହେଁ ସାରା ଦୁନିଆରେ ପ୍ରସିଦ୍ଧିଲାଭ କରିପାରିଛି। ଏଠାକାର ପ୍ରତ୍ୟେକ ଲୋକ ସ୍ୱଚ୍ଛତାକୁ ନେଇ ବେଶ୍ ସଚେତନ ରହିଥା'ନ୍ତି। ସେଥିପାଇଁ ତ ସ୍ୱଚ୍ଛତାକୁ ନେଇ ଏହି ଗାଁକୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ...**

ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲା ଅନ୍ତର୍ଗତ ଏକ ଗାଁ ହେଉଛି ମୌଲିନ୍ନଙ୍ଗ। ମୁଖ୍ୟତଃ ସ୍ୱଚ୍ଛତା ଦୃଷ୍ଟିରୁ ଏହି ଗାଁର ରହିଛି ସ୍ୱତନ୍ତ୍ର ପରିଚୟ। ଏଠାକାର ପ୍ରତ୍ୟେକ ଲୋକ ସ୍ୱଚ୍ଛତାକୁ ନେଇ ରହିଥାନ୍ତି ଖୁବ୍ ସଚେତନ। ସେଥିପାଇଁ ତ ସେମାନେ ପ୍ରତି ଘରର ଦୁଆର ମୁହଁରେ ଗୋଟିଏ ଗୋଟିଏ ବାଉଁଶ ପାତିଆରେ ତିଆରି ଡଷ୍ଟବିନ୍ ଟଙ୍ଗାଇଥାନ୍ତି। ଆଉ ସମସ୍ତ ଅଳିଆ, ଆବର୍ଜନାକୁ ସେଥିରେ ପକାଇଥାନ୍ତି। ଯେବେ ସେହି ଡଷ୍ଟବିନ୍‌ଟି ପୂର୍ଣ୍ଣ ହୋଇଯାଏ, ତାକୁ ନେଇ ଗାତ କରି ପୋତି ଦେଇଥାନ୍ତି। କିଛିଦିନ ପରେ ତାହାକୁ ଖତ ଭାବେ ଚାଷଜମିରେ ନେଇ ବ୍ୟବହାର କରିଥାନ୍ତି। ଏହି ଉପାୟ ଯୋଗୁ ଏଠାକାର କୌଣସି ସ୍ଥାନରେ ଖୋଲାରେ ଅଳିଆ ଆବର୍ଜନା ପଡିଥିବାର ଦେଖିବାକୁ ମିଳେନାହିଁ। ଚାରିଆଡ଼ ପରିଷ୍କାର, ପରିଚ୍ଛନ୍ନ ଲାଗେ। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଠାରେ ପଲିଥିନ୍ ବ୍ୟବହାର ଓ ଧୂମପାନ କରିବା ସମ୍ପୂର୍ଣ୍ଣ ନିଷେଧ। ସେଥିପାଇଁ ତ ଟ୍ରାଭେଲ୍ ମାଗାଜିନ୍ ଡିସ୍‌କଭର୍ ଇଣ୍ଡିଆ ତରଫରୁ ମୌଲିନ୍ନଙ୍ଗକୁ ୨୦୦୩ରେ ଏସିଆର ସବୁଠୁ ସ୍ୱଚ୍ଛ ଗାଁ ଏବଂ ୨୦୦୫ରେ ଭାରତର ସବୁଠାରୁ ସଫାସୁତରା ଗାଁ ଭାବେ ସମ୍ମାନ ଓ ପୁରସ୍କାର ମିଳିସାରିଛି।

### ଆଉ କ'ଣ ଦେଖିବେ

କେବଳ ସ୍ୱଚ୍ଛତା ପାଇଁ ନୁହେଁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବି ମୌଲିନ୍ନଙ୍ଗ କୌଣସି ଗୁଣରେ କମ୍ ହେବ ନାହିଁ। ଆଗନ୍ତୁକଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି:

✲ **ଉମନଗୋଟ୍ ନଦୀ:** ଏହା ଡାଓ୍ୱକି ନଦୀ ଭାବେ ବି ପରିଚିତ ; ଯାହା ଶିଲଂରୁ ମୌଲିନ୍ନଙ୍ଗକୁ ଆସିବା ବାଟରେ ହିଁ ପଡ଼ିଥାଏ। ଏହି ନଦୀର ସ୍ୱତନ୍ତ୍ରତା ହେଉଛି ଏହାର ପରିଷ୍କାର ପାଣି। ଅର୍ଥାତ୍ ଏଠାକାର ପାଣି ଏତେ ସ୍ୱଚ୍ଛ ଯେ, ଜଣେ ଉପରୁ ଥାଇ ନଦୀ ତଳର ଭୂମିକୁ ବି ପରିଷ୍କାର ଭାବେ ଦେଖିପାରିବ। ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ନୌବିହାରର ବି ଏଠାରେ ସୁବିଧା ରହିଛି।

✲ **ଜଳପ୍ରପାତର ଆକର୍ଷଣ:** ମୌଲିନ୍ନଙ୍ଗରୁ ଡାଓ୍ୱକି ନଦୀ ଆଡ଼କୁ ଯିବା ରାସ୍ତାରେ ବୋଫିଲ ନାମକ ଏକ ଜଳପ୍ରପାତ ପଡ଼ିଥାଏ ; ଯାହାକି ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ସେହିପରି ମୌଲିନ୍ନଙ୍ଗ ଗାଁ ଭିତରେ ବି ରହିଛି ଏକ ମଧ୍ୟମ ଆକାରର ଜଳପ୍ରପାତ ; ଯାହା ମୌଲିନ୍ନଙ୍ଗ ଜଳପ୍ରପାତ ଭାବେ ପରିଚିତ। ଏଠାରେ ପର୍ଯ୍ୟଟକ ପରିବାର ସହ ପିକ୍‌ନିକ୍ କରି ବେଶ୍ ଶାନ୍ତିରେ ସମୟ ବିତାଇପାରିବେ।

✲ **ସ୍କାଏ ଭିୟୁ ପଏଣ୍ଟ:** ମୌଲିନ୍ନଙ୍ଗଠାରୁ ପ୍ରାୟ ୨ କି.ମି ଦୂରରେ ରହିଛି ଏହି ସ୍ଥାନଟି। ଏହାକୁ ସ୍କାଏ ୱାକ୍ ବୋଲି ବି ଅନେକେ କହିଥାନ୍ତି। ପ୍ରକୃତପକ୍ଷେ ଏହା ହେଉଛି ବାଉଁଶରେ ତିଆରି ଏକ ଟ୍ରି ହାଉସ୍ ; ଯାହାକି ଭୂପୃଷ୍ଠରୁ ପ୍ରାୟ ୮୫ ଫୁଟ୍ ଉଚ୍ଚତାରେ ଅବସ୍ଥିତ। ଏହି ଟ୍ରି ହାଉସ୍ ଉପରକୁ ଯିବା ପାଇଁ ବାଉଁଶରେ ତିଆରି ସ୍ୱତନ୍ତ୍ର ଶିଡ଼ିର ସୁବିଧା ରହିଛି। ତେବେ ଏହି ଟ୍ରି ହାଉସ୍‌ର ସ୍ୱତନ୍ତ୍ରତା ହେଉଛି ; ଏହା ଉପରେ ଠିଆ ହେଲେ କେବଳ ମୌଲିନ୍ନଙ୍ଗ ଗାଁ କାହିଁକି ସମ୍ପୂର୍ଣ୍ଣ ମେଘାଳୟର ମନୋରମ ଦୃଶ୍ୟକୁ ମଧ୍ୟ ବେଶ୍ ଆରାମରେ ଦେଖିହୁଏ।

✲ **ମୌଲିନ୍ନଙ୍ଗ ପବିତ୍ର ଜଙ୍ଗଲ:** ଏଠାରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଦେଖିବାକୁ ମିଳେ। ସେଥିପାଇଁ ସ୍ଥାନୀୟ ଖାସି ଜନଜାତିର ଲୋକେ ଏହି ଜଙ୍ଗଲକୁ ଖୁବ୍ ଭଲ ପାଇଥାନ୍ତି ଆଉ ତାକୁ ପୂଜା ବି କରିଥାନ୍ତି। ତା'ଛଡ଼ା ଏହି ଜଙ୍ଗଲକୁ ଲାଗି ଏକ ଚମତ୍କାର ଖାସି ହେରିଟେଜ୍ ଭିଲେଜ୍ ବି ରହିଛି ; ଯେଉଁଠାରେ ବିଭିନ୍ନ ପ୍ରକାରର ନକଲି ଆଦିବାସୀ ଝୁମ୍ପୁଡ଼ି ଘର ଥିବାର ଦେଖିବାକୁ ମିଳେ। ପର୍ଯ୍ୟଟକ ଏହାକୁ ବୁଲି ଦେଖିବା ସହ ସ୍ଥାନୀୟ ଆଦିବାସୀମାନଙ୍କର ସଂସ୍କୃତି, ଜୈବବିବିଧତା ତଥା ପର୍ଯ୍ୟାବରଣ ସମ୍ପର୍କରେ ଏଠାରୁ ଅନେକ ତଥ୍ୟ ପାଇପାରିବେ।


✲ **ଲିଭିଂ ରୁଟ୍ ବ୍ରିଜ୍:** ଏହା ହେଉଛି ମୌଲିନ୍ନଙ୍ଗର ଆଉ ଏକ ଆକର୍ଷଣ। ଏହା ଏମିତି ଏକ ପୋଲ ; ଯାହାକୁ ଗଛର ଚେରକୁ ପରସ୍ପର ସହିତ ବାନ୍ଧିକି ତିଆରି କରାଯାଇଛି। ସୂଚନାନୁଯାୟୀ, ଏହି ପୋଲ କୁଆଡ଼େ ବହୁତ ବର୍ଷ ପୁରୁଣା ; ଯାହାକୁ ସ୍ଥାନୀୟ ଲୋକେ ନଦୀକୁ ପାର୍ ହେବା ପାଇଁ ମୁଖ୍ୟ ଜରିଆ ରୂପେ ବ୍ୟବହାର କରିଥାନ୍ତି।

### ଖାଦ୍ୟପେୟ

ଏଠାକାର ବାସିନ୍ଦା ମୁଖ୍ୟତଃ ଚାଷବାସ ଉପରେ ନିର୍ଭର କରିଥାନ୍ତି। ଗୁଆ ହେଉଛି ଏଠାକାର ମୁଖ୍ୟ ଚାଷ। ତା'ଛଡ଼ା ସପୁରି, ଲିଚି ବି ଏଠାରେ ଭଲ ଉତ୍ପାଦନ ହୋଇଥାଏ। ସେହିପରି ଏଠାକାର ଲୋକେ ବିଶେଷ ମସଲା ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ନାହିଁ। ଭାତ, ଚିକେନ୍, ଆଳୁଭଜା, ଡାଲି, ରୁଟି, ଚଟଣି, ମୋମୋଜ୍, ଜିଲାପି, ଚାଓମିନ୍ ହେଉଛି ଏଠାକାର ଲୋକଙ୍କର ପ୍ରିୟ ଖାଦ୍ୟ।


### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ରହିଛି। ସେହିପରି ଗମନାଗମନ ପାଇଁ ଶିଲଂ ଏୟାରପୋର୍ଟ ହେଉଛି ମୌଲିନ୍ନଙ୍ଗର ନିକଟତମ ବିମାନବନ୍ଦର। ଅନ୍ୟପକ୍ଷେ ଗୁଆହାଟୀ ରେଲ୍‌ୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ପ୍ରମୁଖ ରେଳଷ୍ଟେଶନ ; ଯାହା ମୌଲିନ୍ନଙ୍ଗଠାରୁ ପ୍ରାୟ ୨୦୦ କି.ମି ଦୂରରେ ଅବସ୍ଥିତ। ତା'ଛଡ଼ା ବସ୍ ହେଉ କି କାର୍ ମାଧ୍ୟମରେ ଯିବା ପାଇଁ ଶିଲଂ ଦେଇ ଆରାମରେ ଯାଇ ମୌଲିନ୍ନଙ୍ଗରେ ପହଞ୍ଚିହେବ।









# ରଙ୍ଗୀନ ଫୁଲର କଥା



**ରଙ୍ଗ ବେରଙ୍ଗର ସୁନ୍ଦର ଫୁଲ କାହାର ବି ମନକୁ ମୋହିପାରେ। ହେଲେ କେବେ ଭାବିଛନ୍ତି କି ପ୍ରାୟ ଗଛ ସବୁଜ ଓ ପତ୍ର ବି ସବୁଜ ହୋଇଥିବାବେଳେ ଫୁଲ କାହିଁକି ରଙ୍ଗବେରଙ୍ଗର ହୋଇଥାଏ....**

ରଙ୍ଗ ବେରଙ୍ଗର ସୁନ୍ଦର ଫୁଲ କାହାର ବି ମନକୁ ମୋହିପାରେ। ଏଇ ଫୁଲ ମଣିଷ ଜୀବନରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ ଶୁଭ ଅବସରରେ ସାମିଲ ଥାଏ। ହେଲେ କେବେ ଭାବିଛନ୍ତି କି ପ୍ରାୟ ଗଛ ସବୁଜ ଓ ପତ୍ର ବି ସବୁଜ ହୋଇଥିବାବେଳେ ଫୁଲ କାହିଁକି ରଙ୍ଗବିରଙ୍ଗର ହୋଇଥାଏ।
କୌଣସି ଗଛର ଫୁଲ କେଉଁ ରଙ୍ଗର ହେବ ତାହା ସେହି ଗଛ ଓ ଫୁଲରେ ଥିବା କିଛି ରସାୟନ ଧାର୍ଯ୍ୟ କରିଥାଏ। ଯେମିତିକି ଏନ୍ଥୋସାୟନିନ୍ ଏମିତି ଏକ ରସାୟନ ଯାହାକି ଅଧିକାଂଶ ଫୁଲରେ ମିଳିଥାଏ। ଏହି ରସାୟନ ଲାଗି ହିଁ ଅଲଗା ଅଲଗା ଶେଡ୍‌ର ଫୁଲ ହୋଇଥାଏ। ଖାସକରି ଧଳାରୁ ଲାଲ, ଲାଲରୁ ନୀଳ, ନୀଳରୁ ହଳଦିଆ, ହଳଦିଆରୁ ବାଇଗଣୀ, ବାଇଗଣୀରୁ କଳା ଓ କଳାରୁ ଧୂସର ରଙ୍ଗର ଯେତେ ବି ଫୁଲ ହୁଏ ତାହାର କାରଣ ଏନ୍ଥୋସାୟନିନ ରସାୟନ ଅଟେ।
ତେବେ ଦେଖିଥିବେ କିଛି ଫୁଲ ନିର୍ଦ୍ଦିଷ୍ଟ ଗୋଟିଏ ରଙ୍ଗରେ ଫୁଟିଥାଏ। ଯେମିତିକି ଗେଣ୍ଡୁ ଫୁଲ ହଳଦିଆ ଓ ଗୋଲାପ ଲାଲ ରଙ୍ଗର ହୋଇଥାଏ। ଏଭଳି ଫୁଲର ରଙ୍ଗ ପାଇଁ କେରୋଟିନୋଏଡ ନାମକ ରସାୟନ ଦାୟି ଥାଏ।
କେରୋଟିନୋଏଡ ପାଇଁ ଯେଉଁ ଫୁଲ ଫୁଟେ ତାହା ପ୍ରାୟତଃ ଗୋଟିଏ ରଙ୍ଗର ହୁଏ। ତା'ଛଡ଼ା ଏମିତି ଫୁଲ ବି ଅଛି ଯାହା ଏନ୍ଥୋସାୟନିନ ଓ କେରୋଟିନୋଏଡ଼ ଉଭୟ ପାଇଥାନ୍ତି। ତେଣୁ ସେହି ଫୁଲ ମିଶାମିଶି ରଙ୍ଗର ହୋଇଥାଏ।
ପତ୍ର କଥା କହିଲେ ପ୍ରାୟତଃ ଗଛର ପତ୍ର ସବୁଜ ହୋଇଥାଏ, ଏହା ପଛର କାରଣ ହେଉଛି ପତ୍ରରେ ଥିବା କ୍ଲୋରୋଫିଲ୍। କ୍ଲୋରୋଫିଲ୍ ଏମିତି ଏକ ପିଗମେଣ୍ଟ ଯାହା ଗଛକୁ ସବୁଜିମା ଭରା କରାଏ। ଯଦିଓ କିଛି ଗଛର ପତ୍ର ଅଲଗା ଅଲଗା ରଙ୍ଗର ବି ହୋଇଥାଏ। ତେବେ ଏହା ପଛର କାରଣ ଅନେକ ସମୟରେ ସେଠାକାର ପରିବେଶ, ସୂର୍ଯ୍ୟ କିରଣ ଓ ଭୌଗୋଳିକ ସ୍ଥିତି ହୋଇଥାଏ।

# ୧୦ଟି ବ୍ରଶରେ କରନ୍ତି ପେଣ୍ଟିଂ



ପେଣ୍ଟିଂ କରିବା ପାଇଁ ଜଣେ ଚିତ୍ରକରଙ୍କର ପ୍ରଥମ ଆବଶ୍ୟକତା ହେଉଛି ତୁଳୀ ବା ବ୍ରଶ। ଅନ୍ୟଟି ହେଉଛି କାନ୍‌ଭାସ୍। ସାଦା କାନ୍‌ଭାସ୍ ଉପରେ ଚିତ୍ରକର ବ୍ରଶଟିଏ ଧରି ନିଜ ସୃଜନଶୀଳତାର ଯାଦୁରେ ତିଆରି କରନ୍ତି ଅତି ସୁନ୍ଦର ଚିତ୍ରସବୁ। ଗୋଟିଏ ସାଧାରଣ ତୁଳୀରେ ଯେ, ଏତେ ସବୁ ସୁନ୍ଦର ଚିତ୍ର କରିହୁଏ ଦେଖିଲେ ବିଶ୍ୱାସ କରି ହୁଏନା। ତେବେ ସବୁ ଚିତ୍ରକରରଙ୍କ ଚିତ୍ର କରିବା ଶୈଳୀ ବି ଭିନ୍ନ ଭିନ୍ନ ଥାଏ। ଅନେକେ ତ ବେଶ୍ ଅଜବ ଉପାୟରେ ଅର୍ଥାତ୍ କେହି କେହି ଜିଭକୁ ତୁଳୀଭାବେ ବ୍ୟବହାର କରନ୍ତି ତ କେହି କେହି ପାଦ ସାହାଯ୍ୟରେ ବି ଚିତ୍ର କରନ୍ତି। ସେମିତି ଜଣେ ନିଆରା ଚିତ୍ରଶିଳ୍ପୀ ହେଉଛନ୍ତି ସର୍ଜ ଫିଲିଞ୍ଚିର। ସେ ଦୁଇ ହାତରେ ଏକାଥରେ ୧୦ଟି ତୁଳୀ ଧରି ଚିତ୍ର କରନ୍ତି। ବେଲାରୁସ୍‌ର ଏହି ଚିତ୍ରକର ଜଣକ ତାଙ୍କର ନିଆରା ଶୈଳୀରେ ଚିତ୍ର କରିବା ଲାଗି ବହୁ ପ୍ରସିଦ୍ଧି ହାସଲ କରିଛନ୍ତି। ସର୍ଜ ଫିଲିଞ୍ଚିର ଚିତ୍ରକଳାରେ କୌଣସି ତାଲିମ ନେଇ ନାହାନ୍ତି। ତଥାପି ତାଙ୍କ ଚିତ୍ର ଗୁଡିକ ଏତେ ଜୀବନ୍ତ ଯେ, ପ୍ରଶଂସା ନ କରି କେହି ରହିପାରନ୍ତି ନାହିଁ। ସେ ଦୁଇ ହାତରେ ୧୦ଟି ତୁଳୀକୁ ଏକା ସାଙ୍ଗରେ ବ୍ୟବହାର କରି ଚିତ୍ର କରିପାରନ୍ତି। ଏଭଳି ଚିତ୍ର କରିବା ପଛରେ ତାଙ୍କର ଏକ କାରଣ ବି ଅଛି। ସେ ଚିତ୍ର କରିବା ବେଳେ ବାରମ୍ବାର ବ୍ରଶ ବଦଳାଇ ବଦଳାଇ ବିରକ୍ତ ହେଇଯାଉଥିଲେ। ତେଣୁ ସେ ପ୍ରଥମେ ଡାହାଣ ହାତରେ ତିନୋଟି ଓ ବାମ ହାତରେ ଦୁଇଟି ବ୍ରଶ ଧରି ଚିତ୍ର କରିବା ଅଭ୍ୟାସ କରିଥିଲେ। ପରେ ଧୀରେ ଧୀରେ ସବୁ ଆଙ୍ଗୁଳିରେ ଗୋଟେ ଗୋଟେ ବ୍ରଶ ସେଟ୍ କରି ଚିତ୍ର କରିବା ଅଭ୍ୟାସ କଲେ। ଏଭଳି ଚିତ୍ର କରିବା ଦ୍ୱାରା ସେ ବହୁତ ସହଜରେ ସୁନ୍ଦର ଚିତ୍ର ଆଙ୍କି ପାରିଲେ। ତା'ଛଡା ବ୍ରଶଗୁଡିକୁ ହ୍ୟାଣ୍ଡେଲ କରିବା ଦ୍ୱାରା ମସ୍ତିଷ୍କ ସକ୍ରିୟ ହେଲା। ତାଙ୍କ ପେଣ୍ଟିଂଗୁଡିକର ଆମେରିକା, ଜର୍ମାନୀ, ପେଲାଣ୍ଡ, ଇଟାଲୀରେ ବି ଚାହିଦା ରହିଛି।



# କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଶିଢ଼ିଘର

ସାହୁବାବୁ ଯେଉଁ ଅଫିସରେ ଉଚ୍ଚପଦାଧିକାରୀ, ଭଗବାନଙ୍କୁ ନିଇତି ମୁଣ୍ଡିଆମାରନ୍ତି ତାଙ୍କ କର୍ମଚାରୀ, ସାର୍ ଆଜି ଅଫିସିକି ନ ଆସନ୍ତେ କି! ସିଏ ବରଷକେ ଯେଉଁ କେତେଟା ଦିନ ଅନୁପସ୍ଥିତ ରହନ୍ତି, ତାଙ୍କ ଅଧସ୍ତନ କର୍ମଚାରୀ ଶାନ୍ତିରେ ଟିକେ ନିଃଶ୍ୱାସ ମାରନ୍ତି । ଫର୍ଚ୍ଚା ସମୟରେ ଅଫିସରେ ଚର୍ଚ୍ଚାଚାଲେ... ଏମିତିକା ରାଢ଼ -ଦଣ୍ଡା ଅଫିସର -କାଉ ଭଳିଆ ରାଉ ରାଉ ସ୍ୱର, ଏଡ଼େ ଏଡ଼େ ଢେଗା ଆଖିଆ ଯାହାକୁ ଦେଖି ଆମ ଛାତି ଥରହର, ଏଭଳି ଲୋକ ଆଗରୁ ଆମେ କେବେ ଦେଖିନୁ । ଶ୍ୟେ.. ଆପେ ଶାନ୍ତିରେ ରହୁନି କି ଆମକୁ ଶାନ୍ତିରେ ବସେଇ ଉଠେଇ ଦଉନି ହୋ..! ନାରୁଆ ନିଇତି ନାରାୟଣଙ୍କୁ ପ୍ରାର୍ଥନାକରେ... ହେ ପ୍ରଭୁ! ଏ ଲୋକ ଉପରେ ଗାଡ଼ି ଚଢ଼ିଯାଉ। ଅଚିହ୍ନା ବ୍ୟାଧି ଗ୍ରାସିଯାଉ। ମେଡିକାଲ ଖଟିଆରେ ଶୋଇ ତା' ଜୀବନଯାଉ...। ହେଲେ ସେମିତି କିଛି ହୁଏନି। ବରଂ ବେଳକୁ ବେଳ ସାହୁ ସାର୍ ଦିଶନ୍ତି ଉଜ୍ଜ୍ୱଳ.. ସୁସ୍ଥ-ସବଳ.. ପୂରା ଫିଟ୍ ! ତାଙ୍କର ଏମିତି ସୁସ୍ଥ ସୁନ୍ଦର ଦିଶିବାର କାରଣ, ଆପଣ ଟିକେ ପରେ ଜାଣିବେ । କିନ୍ତୁ କଥା କ'ଣ କି, ସାହୁ ସାର୍‌ଙ୍କୁ ସିନା ଅଫିସରେ ସମସ୍ତେ ଡରନ୍ତି, ହେଲେ ସିଏ କାହାକୁ ଦୁନିଆରେ ଜମା ଡରନ୍ତି ନାହିଁ, ଏକମାତ୍ର ତାଙ୍କ ପ୍ରାଣପ୍ରିୟା ମଧୁର ଭାଷିନୀ, ତୁ ତା ସମ୍ବୋଧିନୀ... ଧର୍ମପତ୍ନୀଙ୍କ ଛଡ଼ା ! ତାଙ୍କରି ମହତ ଗାଳିପାଇଁ ସାହୁ ସାଆରେ ଶାରୀରିକ ସୁସ୍ଥ, ଯଦିଓ କେହିକେହି କହନ୍ତି... ସେ ମାନସିକ ବିକୃତ । ଛାଡ଼ ସେକଥା। ଅସଲ କଥାଟା ହେଲା ତାଙ୍କ ଘୁଙ୍ଗୁଡ଼ିମରା ଗାଢ଼ନିଦ ଭାଙ୍ଗେ ଘଡ଼ଘଡ଼ି ମାରିଲା ଭଳିଆ ପତ୍ନୀଙ୍କ ସୁମଧୁର ଗାଳିରେ.. ବ୍ରାହ୍ମମୁହୂର୍ତ୍ତରେ । ସମ୍ବୋଧନ କରନ୍ତି ଆରେ ହେଃ...! ଉଠିବ ନା ମୋ ଘଡ଼ଘଡ଼ି ଶବ୍ଦ ପରେ ତମ ଉପରେ ପାଣି ବର୍ଷିବ ! ତାଙ୍କରି ନିର୍ଦ୍ଦେଶରେ ଉଠି, ପାଳିଥିବା ବିଲାତି କୁତୀ କି, ପତି-ପରମେଶ୍ୱର, ଧଡ଼ପଡ଼ ହୋଇ ପୌଷ-ମାସିଆ ଜାଡୁଆ ବେଳାରେ ହଗେଇ ନିଅନ୍ତି ରାସ୍ତା କଡ଼କୁ। ନଇଲେ କିଏ ବଳ ଖଟେଇ ତା ମଳ ସକାଳୁ ସଫା କରିବ କହିଲେ ! ସେଇଠୁ ଆସି ସକାଳର ସଜ ପରିବା, ଆମିଷ ଦ୍ରବ୍ୟାଦି କ୍ରୟ କାର୍ଯ୍ୟ କରିବା ହିଁ ତାଙ୍କ କର୍ମ ଚଞ୍ଚଳତା କାର୍ଯ୍ୟଦକ୍ଷତା ତଥା ଶାରୀରିକ ଫିଟ୍ ରହିବାର କାରଣବୋଲି ଆମେ ଅନୁସନ୍ଧାନରୁ ଜାଣିଅଛୁ । ଏ କାଠୁଆ ନିର୍ଭୀକଲୋକ କାହିଁକି ଯେ ଖାଡ଼ି ଭଳିଆ ଦିଶୁଥିବା ତାଙ୍କ ଧର୍ମପତ୍ନୀକି ଡରନ୍ତି, ତା'ର କାରଣ ଆମ୍ଭଙ୍କୁ ଜଣା ଥିଲେ ବି ଆପଣଙ୍କୁ କହି, ଘରଭଙ୍ଗା ଲୋକ ଶୁଣିବାକୁ ନିଜେ ଇଚ୍ଛା କରୁନି ବୋଲି କହୁନାହିଁ । ସେଇଟା ତାଙ୍କ ବ୍ୟକ୍ତିଗତ ପାରିବାରିକ ଗୁପ୍ତତଥ୍ୟ । ତାଙ୍କ ଘରୋଇକଥାରେ ଆମେ ନାକ ପୂରେଇବୁ କ୍ୟାଁ ?

ସାହୁ ସାର୍‌ଙ୍କ ପରି ତାଙ୍କ ଧର୍ମପତ୍ନୀ ମଧ୍ୟ ସଂସାରରେ କାହାକୁ ଡରନ୍ତିନାହିଁ, କେବଳ ଗୋଟେ ଛୋଟ ଜୀବ ଛଡ଼ା। ତା' ପାଇଁ ସେ ଭଗବାନଙ୍କୁ ଗାଳିଦେଇ ପ୍ରଶ୍ନ କରନ୍ତି ଏତେ ଜୀବ ତ ସୃଷ୍ଟିକଲ, ହେଲେ ଏଇ ଜନ୍ତୁଟାକୁ କ'ଣ ସୃଷ୍ଟି ନ କରିଥିଲେ ଚଳି ନ ଥାନ୍ତା ? ସେଇ ଜୀବଟି ହେଉଛି ଚୁଚୁନ୍ଦ୍ରା । ଥରେ ତାଙ୍କ ପଡ଼ୋଶିନୀ ସୁବାସିନୀ ସହିତ ବାରଣ୍ଡା ଉପରେ ଠିଆହୋଇ କଥା ହେଉହେଉ, ହଠାତ ସୁବାସିନୀ ତାଙ୍କ ଚାକରକୁ ଡାକିଦେଲେ ଆରେ ହେ ଚୁଚୁନ୍ଦ୍ରାମୁହାଁ ! ବାଃ, ଏଇ ଶବ୍ଦରେ ସାହୁ ସାର୍‌ଙ୍କ ନିର୍ଭୀକା ପତ୍ନୀ ଚିରିଚିରି ହୋଇ ଏମିତି ତଳକୁ ଡେଇଁପଡିଲେ ଯେ, ଗୋଡ଼ ଭାଙ୍ଗିଯିବାରୁ, ତାଙ୍କ ପତିଙ୍କୁ ଅନେକଦିନ ଯାବତୀୟ ସେବାକରିବାର ଅପୂର୍ବ ସୁଯୋଗ ଦେଇଥିବାରୁ ନିଜକୁ ଧନ୍ୟା ମଣିଲେ । ଏଇ ସେବାରେ ସନ୍ତୁଷ୍ଟ ଚିତ୍ତରେ ଯେଉଁ ଛ'ସାତଥର



ସେ ପତିଙ୍କୁ ଉଚ୍ଚ ତାରିଫ କରିଥିଲେ, ସେତିକି ଥର ଅଫିସରେ ଷ୍ଟାଫ୍, ସାହୁ ସାର୍‌ଙ୍କ ତୁଣ୍ଡରୁ ନରମ କଥା ଶୁଣିବାର ମଉକା ପାଇଥିଲେ ।

ତେବେ ସେ ଯା'ହେଉ, ଧର୍ମପତ୍ନୀ-ଗାଳିରେ ଗୋଟେ ଅଦ୍ଭୁତ ଶକ୍ତି ଅଛି। ଯାହାର ପ୍ରମାଣ ସହରରେ ସାହୁସାରେ ବଡ଼ ଜାଗାକିଣି ପିଲାଙ୍କ ଭବିଷ୍ୟତ ପାଇଁ ବଡ଼ କୋଠାଘର ବନେଇ ପାରିଥିଲେ । ତାଙ୍କରି ଗାଳିଦିଆ ପରାମର୍ଶ ପାଇଁ ଗଲା ନୂଆବର୍ଷ ପହିଲାରେ ସପରିବାର ସେଇ ଛ'ବଖୁରିଆ ଷୋହଳ ଶହ ବର୍ଗଫୁଟିଆ କୋଠାଘରେ ପ୍ରବେଶକରିବାର ସୌଭାଗ୍ୟ ମିଳିଥିଲା ସାହୁ ସାର୍‌ଙ୍କୁ। ପରିବାର ବୋଇଲେ ସାହୁ ସାର୍‌ଙ୍କ ବୁଢ଼ୀ ମାଆ, ଇଏ ସ୍ୱାମୀ-ସ୍ତ୍ରୀ, ବାକି ଗୋଟେମାତ୍ର ଦେଢ଼ଫୁଟିଆ ଛୁଆ। ବାକି ସେଇ ପୋଷା ବିଲାତି କୁତୀ। ହେଲେ ତାକୁ ସମସ୍ତେ ସୁଇଟି ଡାକନ୍ତି। ଗୋଟେକଥା ସାହୁ ସାର୍‌ଙ୍କ ଉଚ୍ଚଶିକ୍ଷିତ ମୁଣ୍ଡରେ ପଶିପାରି ନ ଥିଲା, ସବୁଘର ସୁନ୍ଦର ମାର୍ବଲ ଛପର, ମନ-ନୟନ ଲୋଭା କଲର ହୋଇଥିଲେ ବି କାହିଁକି ଧର୍ମପତ୍ନୀ ବାରଣକରିଥିଲେ ଶିଢ଼ିଘର ସେମିତି ଫିନିଶିଙ୍ଗ ନ ହେବାକୁ ! ଯେଉଁଦିନ ସାହୁସାରେ ଶିଢ଼ିଘର ପାଇଁ ତାଙ୍କ ଷ୍ଟେନୋବାବୁଙ୍କ ଜରିଆରେ ଅଫିସ ଗାଡ଼ିରେ ବାର ପ୍ୟାକେଟ ପ୍ଲେଟ କିଣେଇ ତାଙ୍କ ଘରକୁ ପଠେଇଥିଲେ, ତାହା ଘରେ ପହଞ୍ଚିବା ଅଳ୍ପ ସମୟରେ ଫୋନରେ ଧର୍ମପତ୍ନୀ ତାଙ୍କର ବାର ବଜେଇ ଦେଇଥିଲେ । ମଧୁର ଗାଳି, ତାଙ୍କ କାନରୁ ରକ୍ତ ବାହାର କରେଇଲା ପରି ଲାଗୁଥିଲା । ତାଙ୍କ ଧମକ.. ''ତମେ ଆଜି ଘରକୁ ଆସ.. ମତେ ଚିହ୍ନିବ'' କଥାରେ ଗୋଡ ହାତରୁ ଥରା ଉଠିଥିଲା । ପିଳେହି ପାଣି ହେଇଗଲା କି ଆଉ ! ତେବେ ଧର୍ମପତ୍ନୀଙ୍କ ବାକ୍ୟବାଣକୁ ଟାଣୁଆ ଛାତିରେ ସହିଲା ପରେ ଘରେ ସାହୁଆଣୀ ବୁଝେଇଦେଇଥିଲେ ଜାଣିଛ କି ନାହିଁ... ଘର ପ୍ରତିଷ୍ଠା ଖର୍ଚ୍ଚଠୁ ଆହୁରି ବଳକା ଖର୍ଚ୍ଚ ଆଗକୁ ତୁମ ଶାଳୀ, ମାନେ ମୋ ସାନ ଭଉଣୀର ବାହାଘର ଅଛିବୋଲି ! ଓଃ... ଏତେ ଶୁଭାକାଂକ୍ଷୀ ଧର୍ମପତ୍ନୀକି ଭୁଲ୍ ବୁଝି ଭୁଲ୍‌କରିବା ଭଲ ନୁହଁ ସାହୁସାରେ ମନେମନେ ହସିଥିଲେ । ମାତ୍ର ଗୃହପ୍ରବେଶ ପରେ ସାର୍‌ଙ୍କ ମାତାଶ୍ରୀ, ମାନେ ମ୍ୟାଡାମଙ୍କ ଶାଶୁଜୀଙ୍କ ରହିବା ଶୋଇବା ସ୍ଥାନ ଏଇ ଶିଢ଼ିଘର ତଳେ, ଖଣ୍ଡେ ସପ ଉପରେ ବୋଲି ପ୍ରାଣନିଆ ଧର୍ମପତ୍ନୀ ଜଣେଇଲାରୁ ସାର୍‌ଙ୍କ ମୁଣ୍ଡ ଟାଇଁଟାଇଁ କଲେ ବି ଟାଣୁଆ ଧୈର୍ଯ୍ୟଧରି ଚୁପ ରହିଲେ । ନଚେତ ପ୍ରତିବାଦ କରିବାର ଫଳ.. ରୁଷିଆ ଆକ୍ରମଣରେ ୟୁକ୍ରେନ୍ ବା ଇସ୍ରାଏଲ ଯୁଦ୍ଧରେ ଗାଜା ଭଳିଆ ପରିସ୍ଥିତି ଘରେ ହୋଇଯାଇ ନ ଥାନ୍ତା... କିଏ କହିବ ! ଧର୍ମପତ୍ନୀଙ୍କ ହିତବାକ୍ୟ ବୁଢ଼ୀ ହଗିଲେ ମୂତିଲେ ନୂଆଘର ଅସୁନ୍ଦର ଅସନା ହୋଇଯିବ। ପୁଣି ତାକୁ ତ ତୁମେ ହିଁ ସଫା କରିବ ନା ! ବରଂ ବୁଢ଼ୀ ଶିଢ଼ି ତଳେ ଥାଉ। ସେଥିରେ ମଙ୍ଗଳ । କି ଆଶ୍ଚର୍ଯ୍ୟକଥା ! ସାହୁସାରେ ଦେଖିଲେ, ତାଙ୍କ ମାଆ, ଶିଢ଼ିଘରେ ରହି ଭାରି ଖୁସି ! ଖିଲି ଖିଲିହୋଇ ହସୁଚି ! ବେଳକାଳ ଉଣ୍ଡି ସାହୁବାବୁ, ନିଜ ଭୁଲ୍ ପାଇଁ ମା' ପାଦଧରି, ମୁଣ୍ଡିଆମାରି କହିଲେ ବୋଉ ଲୋ ! ତୁ ମତେ କ୍ଷମା କରିଦେ ! ମୋ ବାପା ମଲାପରେ, ତୁ ପିଲାରୁ ମତେ ବଢ଼େଇ କୁଢ଼େଇ, ପାଠ ପଢ଼େଇ, ଭବିଷ୍ୟତ ଶିଢ଼ି ଚଢ଼େଇ, ଏ ଉଚ୍ଚ ଆସନରେ ବସେଇଲୁ । ହେଲେ ତୁ? ତୁ ଏଇ ଶିଢ଼ି ତଳରେ ପଡ଼ି ! ତୋର ସେଇଟା ହସ ନା ମୋ ପ୍ରତି ଉପହାସ ? ତୋ ଅପାରଗ ପୁଅକୁ କ୍ଷମା କରିଦେ ବୋଉ ! କହୁ କହୁ ଆଖିର ଲୁହଦେଖି ମା' କାନିରେ ପୁଅ ଆଖିର ଲୁହପୋଛି କହିଲା.. ନାଇଁରେ ଧନ, ଭଗବାନ୍ ମୋ ମନକଥା ବୁଝି, ଦେଇଛନ୍ତି ଠିକ୍ ସ୍ଥାନ । ଆଗରୁ ରହୁଥିବା ତୋ କ୍ୱାର୍ଟରର ଅନ୍ଧାରି କୋଠରି ଠୁ ଏଇ ଫର୍ଚ୍ଚାଜାଗା ଢେର ଭଲ... ମୋ ପାଇଁ ମଙ୍ଗଳ କାହିଁକି ଜାଣୁ ? ଶୁଣ ! ଏଇଠି ରହି ତୁମ ଗଲା -ଅଇଲା ସଫା ଦେଖିପାରୁଛି। ତୋ ମୁହଁଦେଖି, ତୁ ସୁଖୀ କି ଦୁଃଖୀ ଜାଣିପାରୁଛି । ଧନରେ ! ମୋ ଆଶୀର୍ବାଦ ତୋ ମଥାରେ ଥାଉ । ତୁ ଆଉ ତୋ ପିଲା, ମୋ ଭଳିଆ ଶିଢ଼ି ପାହାଚ ଚଢ଼ି, ମୋ ଉପରେ ପାଦ ଥୋଇ ଉଚ୍ଚକୁ ଉଠିବା ହେଉ । ମୁଁ ଏଇଠି ଏମିତି ରହି ନିଜକୁ ବଡ ଭାଗ୍ୟବତୀ ଭାବୁଥାଏ । ଅନ୍ତତଃ ଜରାନିବାସରେ ଜୀବନ ବିତେଇ, ତୁମଠୁ ଦୂରେଇ ନ ଯାଏ । ଏତିକି ପ୍ରଭୁଙ୍କୁ ପ୍ରାର୍ଥନା ।

ଆଚ୍ଛା କହିଲୁ ? ତଳ ବରଡ଼ା ହେଉ କି ତଳ ପାହାଚ, ଏମାନେ ଯଦି ଉପରକୁ ଉଠିଯିବେ, ତେବେ ତଳେଥିବା -ଉପରକୁ ଉଠିବାକୁ ଚାହୁଁଥିବା ଲୋକଙ୍କୁ ଆଉ କିଏ କେମିତି ଉଚ୍ଚକୁ ଉଠେଇବ ? ଶୁଣ ପୁଅ ! ତୁ ବି ଦିନେ ମୋ ପରିକା ତୋ ଛୁଆକୁ ଉପରକୁ ଉଠେଇ ଉଚ୍ଚଆସନରେ ବସେଇଲା ପରେ, ତଳ-ପାହାଚ ହୋଇ ରହିଯିବୁ... ଏଇ ସତ୍ୟକୁ ସାମ୍ନାକରିବା ଶିଖିଯା...!


*- ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭*

# ପୁସ୍ତକ ସମୀକ୍ଷା

## ଛାଇ ଆଲୁଅର ଖେଳ

**ରଞ୍ଜନ କୁମାର ଦାସ, ପ୍ରକାଶକ- ଅପୂର୍ବା**
**ୟୁନିଟ୍-୩ , ଖାରବେଳ ନଗର**
**ଭୁବନେଶ୍ୱର, ମୂଲ୍ୟ-୧୯୯ଟଙ୍କା**

କବି ରଞ୍ଜନ କୁମାର ଦାସ ଗପ ଲେଖି ନିଜର ଅନ୍ୟ ଏକ ପରିଚୟ ସୃଷ୍ଟି କରିଛନ୍ତି। ପୁସ୍ତକରେ ରହିଛି ୧୧ଟି ଗପ । ଛାଇ ଆଲୁଅର ଖେଳ ପ୍ରଥମ ଗପ ଅନୁସାରେ ବହିର ନାମକରଣ ହୋଇଛି। ଅବିନାଶ ଓ ରମେଶ ମହାନ୍ତିଙ୍କ ଚରିତ୍ରକୁ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ରଞ୍ଜନ। ଅବିନାଶ ଗୁଡେଇ ତୁଡେଇ ହୋଇ ଯାଇଥିଲେ ଅଛିଣ୍ଡା ଅଡୁଆ ସୂତାରେ। ତାଙ୍କର ମନେ ପଡିଯାଉଥିଲା ରମେଶ ମହାନ୍ତିଙ୍କ ଶେଷ ସଂଳାପ। ଏତିକିରେ





କ'ଣ ଖେଳ ସରିଗଲା ବୋଲି ଭାବୁଛ? ଆହୁରି ବେଶ୍ ଖଞ୍ଜିବି ତମ ନାଁରେ। ତୁମକୁ କେଉଁଠି ଚାକିରି କରେଇ ଦେବିନି। ଭିକ ମାଗିବା ଅବସ୍ଥାରେ ବି ରଖିବିନି ତୁମକୁ । ଯୋଡହସ୍ତରେ ମୋ ପାଦତଳେ ଭିକ ମାଗିବ। ଜାଣିବ ପୋଲିସ ପାୱାର କ'ଣ ? ଏମିତି ଏ ଜୀବନ ଅଧା ଅନ୍ଧାର । ଅଧା ଛାଇ ତ ଅଧା ଖରା । ତେଣୁ ଏହି ଗପଗୁଡିକ ଅତି ଉଚ୍ଚକୋଟିର ଏଥିରେ ସନ୍ଦେହ ନାହିଁ।

## କେମିତି କହିବି କୁହ

**କ୍ଷମାନିଧି ଭୋଇ, କାବ୍ୟଲୋକ,**
**ଗ୍ୟାରେଜ ଛକ**
**ଲୁଇସ୍‌ରୋଡ, ଭୁବନେଶ୍ୱର,**
**ମୂଲ୍ୟ-୨୦୦ଟଙ୍କା**

କେମିତି କହିବି କୁହ କ୍ଷମାନିଧି ଭୋଇଙ୍କ କବିତା ପୁସ୍ତକ। ଏଥିରେ ୭୫ଟି କବିତା ସ୍ଥାନ ପାଇଛି । ଯେଉଁ ଚରିତ୍ରଗୁଡିକୁ ଆମେ ପ୍ରତିଦିନ ଭେଟୁଛେ ସେ ଗୁଡିକୁ କବି କବିତାରେ ପ୍ରକାଶ କରିଛନ୍ତି। ପ୍ରଥମ କବିତା କେମିତି କହିବି କୁହ ଲାଗୁଚି ଆତ୍ମ ଶ୍ଳାଘୀ ପାଲଟି ଯାଇଚି ମୋ ଚାରିପାଖ/ ଆତ୍ମବଡିମାକୁ କରି ପାଥେୟ/ ଯେଉଁଠି ଭେଦ କରିପାରେ ନାହିଁ/ ବଡ ଲୋକଙ୍କ କର୍ଣ୍ଣ ଗହ୍ୱରକୁ/




କୋଟି କୋଟି ସାଧାରଣ ଜନତାର ଡାକ । କବି ଏଠି ଆତ୍ମବଡିମା କଥା କହିଛନ୍ତି । ଯାହା ଏବେ ପ୍ରଚୁର ମାତ୍ରାରେ ବଢିଛି। କେହି କାହାକୁ ମାନିବାକୁ ରାଜି ନୁହେଁ। ବଡ ସାନର ଭେଦଭାବ ନାହିଁ । ବଡସାନ ମାନିବାର ନାହିଁ। କେମିତି ବଡଲୋକଙ୍କ କର୍ଣ୍ଣକୁ ଏହା ଶୁଭୁନି ସେ କଥା କବି କହିଛନ୍ତି । ପୁସ୍ତକର ଯେ କୌଣସି କବିତା ସମ୍ପର୍କରେ ହା ହେଉ କିମ୍ବା ପରାଜିତ ସୈନିକ ହେଉ ଯାହା ପଢନ୍ତୁ ତାହା ପାଠକଙ୍କୁ ବାନ୍ଧି ରଖିବ।

## ଚେତନାର ଦିଗ୍‌ବଳୟ

**ଚିତ୍ତରଞ୍ଜନ ବେହେରା**
**ବିଜୟିନୀ ପବ୍ଲିକେଶନ୍ସ**
**କଟକ, ମୂଲ୍ୟ-୧୫୦ଟଙ୍କା**

ବିଶିଷ୍ଟ ବ୍ୟକ୍ତିଙ୍କ କୃତି ଓ ସେମାନଙ୍କ ବ୍ୟକ୍ତିତ୍ୱକୁ ଆକଳନ କରି ଚିତ୍ତରଞ୍ଜନ ଚେତନାର ଦିଗ୍‌ବଳୟ ପୁସ୍ତକ ରଚନା କରିଛନ୍ତି। ୩୮ଟି କ୍ଷୁଦ୍ର ଲେଖା ଏହି ସଂକଳନକୁ ଋଦ୍ଧିମନ୍ତ କରିଛି। ସଂକଳନରେ ସମାଜର ସଂସ୍କୃତି, ପରମ୍ପରା ଓ ସାହିତ୍ୟ ସମ୍ପର୍କିତ ଲେଖାମାନ ସ୍ଥାନିତ ହୋଇଛି। ଲେଖାଗୁଡିକ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ଚିତ୍ତଦର୍ଶୀ । ଅନୁଭବ ଓ ଅଭିଜ୍ଞତାରୁ ଯାହା ଆରୋହଣ କରିଛନ୍ତି ତାହା ଚିତ୍ତରଞ୍ଜନ ଲେଖିଛନ୍ତି । ଅନେକଙ୍କ କୃତିକୁ ସଂକ୍ଷିପ୍ତ ଆକଳନ କରି ଗ୍ରନ୍ଥଟିକୁ ଦେଇଛନ୍ତି ଜୀବନ୍ୟାସ। ଭାବ, ଭାଷା ବର୍ଣ୍ଣନା ଏବଂ ତଥ୍ୟାଦି କ୍ଷେତ୍ରରେ ଲେଖକ ସତର୍କତା ଦେଖାଇ ପାଠକଙ୍କ ପାଇଁ ଯେଉଁ ଚେତନାର ପ୍ରବାହ ସୃଷ୍ଟି କରିଛନ୍ତି ତାହା ଆଗ୍ରହ ରଖେ। ପୁସ୍ତକର ସମସ୍ତ ବିଷୟ ଶିକ୍ଷଣୀୟ ଓ ଉଚ୍ଚକୋଟିର ; ଯାହା ପାଠକୀୟତା ଲାଭ କରିବ ବୋଲି ଆଶା।



# ମହମ ବୋଲା କନିଆ


ମେକ୍ସିକୋର ଏକ ବଡ଼ ଶୋ' ରୁମ୍‌ରେ ଅଛି ଏକ ସୁନ୍ଦର କନିଆର ପ୍ରତିମୂର୍ତ୍ତି। ଯାହା ଦେଖିବାକୁ ଏତେ ଜୀବନ୍ତ ଯେ, ଲାଗେ ସତେ ଯେମିତି ସେ ଏଇ ଏବେ କ'ଣ କହିବ। ତା' ଚେହେରାର ହସ ଓ ଚମକ୍‌ଦାର ଆଖି ମଧ୍ୟ ଭାରି କଥା କୁହା। ଯିଏ ବି ଏହି ଶୋ'ରୁମ୍‌କୁ ଯାଆନ୍ତି ଉକ୍ତ ପ୍ରତିମୂର୍ତ୍ତି ହିଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ। ତେବେ ଏକ ଆଶ୍ଚର୍ଯ୍ୟର କଥା ହେଉଛି ଦୀର୍ଘ ୮୦ ବର୍ଷ ଧରି ଥିବା ଏହି ପ୍ରତିମୂର୍ତ୍ତିଟି ପ୍ରକୃତରେ ଏକ ସତସତିକା କନିଆର ଅଟେ। ସ୍ଥାନୀୟ ଲୋକେ କୁହନ୍ତି ଏହା କେବଳ ଏକ ପ୍ରତିମୂର୍ତ୍ତି ନୁହେଁ ବରଂ ଏକ କନିଆ ଅଟେ, ଯାହା ଉପରେ ଏଭଳିଭାବେ ମହମର ପରସ୍ତ ଚଢ଼ା ଯାଇଛି ଯେ, ଏତେ ବର୍ଷ ପରେ ବି ତାହା ସଂରକ୍ଷିତ ଅଛି ଓ ଜୀବନ୍ତ ଲାଗୁଛି। ଆଉ ଏଭଳି କରିବା ପଛରେ ଏକ ଦୁଃଖଦ କଥା ବି ରହିଛି। କୁହାଯାଏ ମହମ ଭିତରେ ଥିବା ଯୁବତୀଙ୍କର ବିବାହ ଥାଏ। ମା' ତାଙ୍କୁ ନିଜ ହାତରେ ସୁନ୍ଦରଭାବେ କନିଆ ବେଶରେ ସଜାଇଥାନ୍ତି। ହେଲେ ଭାଗ୍ୟରେ କିଛି ଅଲଗା ଲେଖା ଥିଲା। ଏକ ବିଷାକ୍ତ ବୁଢ଼ିଆଣୀ କାମୁଡ଼ି ଦେବାରୁ ଯୁବତୀଙ୍କର ମୃତ୍ୟୁ ହେଇଗଲା। ଝିଅକୁ ହରାଇଥିବା ମା' ବିଶ୍ୱାସ କରିପାରୁ ନ ଥିଲେ ଝିଅ ତାଙ୍କର ଆଉ ନାହିଁ। ସେ ନାନା ପ୍ରକାର ଚେଷ୍ଟା କଲେ ବଞ୍ଚାଇବାକୁ।




ହେଲେ ଝିଅ ଆଉ ଜୀବନ ଫେରି ପାଇଲା ନାହିଁ। ଶେଷରେ ସେ ଝିଅକୁ ସେଇ ବିବାହ ବେଶରେ ହିଁ ମହମ ପରସ୍ତ ଲେପ କରାଇ ଉକ୍ତ ଶୋ'ରୁମ୍‌ରେ ରଖିଲେ। କାରଣ ସେ ଚାହୁଁଥିଲେ ତାଙ୍କ ଝିଅ ସବୁବେଳେ ଜୀବିତ ଓ ସୁନ୍ଦର ରହୁ। ଉକ୍ତ ଶୋ'ରୁମ୍‌ରେ କାମ କରୁଥିବା ଜଣେ ମହିଳା କୁହନ୍ତି, ଏହି ମୂର୍ତ୍ତିର କପଡ଼ା ଦୁଇ ସପ୍ତାହକୁ ଥରେ ବଦଳାଯାଏ। ଆଉ ମୁଁ ହିଁ କପଡ଼ା ବଦଳାଏ। କପଡ଼ା ବଦଳାଇ ପିନ୍ଧାଇବା ବେଳେ ମୋର ହୃଦସ୍ପନ୍ଦନ ବଢ଼ିଯାଏ। କାରଣ ମୂର୍ତ୍ତିର ଶରୀରରେ ଥିବା ଶିରା ପ୍ରଶିରାଗୁଡ଼ିକ ସ୍ପଷ୍ଟ ଦେଖାଯାଏ। ଲାଗେ ସତେ ଯେମିତି ଏଇ ସାଙ୍ଗେ ସାଙ୍ଗେ ମୂର୍ତ୍ତିଟି ଜୀବନ୍ତ ହେଇଯିବ। ତେଣୁ ଭୟରେ ମୋର ଝାଳ ବହିଯାଏ।


# ଅଦୃଶ୍ୟ ବିଲ୍ଡିଂ

ବ୍ୟାକ୍ ପେଜ୍



ସାରା ପୃଥିବୀରେ ଅନେକ ଅଜବ ବିଲ୍ଡିଂ ଅଛି। ହେଲେ ସାଉଦି ଆରବର 'ମାରାୟା' ବିଲ୍ଡିଂର କଥା ହିଁ ଅଲଗା। କାରଣ ଏହି ବିଲ୍ଡିଂ ପୃଥିବୀର ସବୁଠାରୁ ବଡ଼ କାଚ ବିଲ୍ଡିଂ ଭାବେ ବେଶ୍ ପରିଚିତ। ସାଉଦି ଆରବର ଅଲଉଲାରେ ଅଛି ଏହି ବିଲ୍ଡିଂ। ଆରବୀ ଭାଷାରେ ମାରାୟାର ଅର୍ଥ ହେଉଛି ପ୍ରତିବିମ୍ବ। ଉକ୍ତ ବିଲ୍ଡିଂର ଆଗପଛ ସବୁଆଡ଼ କାଚରେ ଆଚ୍ଛାଦିତ। ତେଣୁ ଏହି ବିଲ୍ଡିଂ ଉପରେ ଏଠାକାର ପାହାଡ଼, ରାସ୍ତା ଓ ଯିବା ଆସିବା କରୁଥିବା ଯାନବାହାନ ସହ ଲୋକଙ୍କର ପ୍ରତିବିମ୍ବ ପଡ଼େ। ଦୂରରୁ ତ ଏହି କାଚର ବିଲ୍ଡିଂ ଦେଖାଯାଏନା। ନିରିଖେଇ ଦେଖିଲେ ଜଣାପଡ଼େ ଏକ ବଡ଼ ବିଲ୍ଡିଂ ଅଛି। ଉକ୍ତ ବିଲ୍ଡିଂ ୯୭୪୦ଟି ଗ୍ଲାସ୍ ପ୍ୟାନେଲରେ ତିଆରି ହୋଇଛି। ଯାହାକି ବିଲ୍ଡିଂର ୧୦୫୦୦୦ ବର୍ଗ ଫୁଟକୁ କଭର କରିଥାଏ। ଏହାକୁ ବାସ୍ତୁଶିଳ୍ପର ଚମତ୍କାର ବୋଲି କୁହାଯାଏ। ଏହାକୁ ଏଭଳି ଡିଜାଇନ କରାଯାଇଛି ଯେ, ବାଲି ପାହାଡ଼ ସହ ପାହାଡ଼ ଓ ଆଖପାଖର ଦୃଶ୍ୟ ସହିତ ଉକ୍ତ ବିଲ୍ଡିଂ ସହଜରେ ମିଶିଯାଏ। ତେଣୁ ଏହା ଏକ ଅଦୃଶ୍ୟ ବିଲ୍ଡିଂ ପରି ଲାଗେ। ଏହି ମାରାୟା ବିଲ୍ଡିଂକୁ କନସର୍ଟ ହଲ, ଇଭେଣ୍ଟ ସ୍ପେସ୍ ଓ ମନୋରଞ୍ଜନ ସ୍ଥଳଭାବେ ତିଆରି କରାଯାଇଛି। କନସର୍ଟ ହଲରେ ୫୦୦ଟି ସିଟ୍ ଅଛି। ବିଲ୍ଡିଂଟି ଚାରି ମହଲା ବିଶିଷ୍ଟ ଅଟେ। ଯାହା ଭିତରେ ଏଣ୍ଟରଟେନମେଣ୍ଟ ଭେନ୍ୟୁ, ଇଭେଣ୍ଟ, କନଫରେନ୍ସ ଓ ଡାଇନିଂର ସୁବିଧା ରହିଛି।








# ମନଷ୍ଟର ଟ୍ରକ

ରାସ୍ତାରେ ବଡ଼ ବଡ଼ ମାଲବାହୀ ଟ୍ରକ ଦେଖିଥିବେ। ହେଲେ ଏ ଟ୍ରକ କଥା ସମ୍ପୂର୍ଣ୍ଣ ଅଲଗା। ଏହି ଟ୍ରକ ଏତେ ବଡ଼ ଯେ, ଲାଗିବ ସତେ ଯେମିତି ଏହା ଟ୍ରକ ନୁହେଁ ରାକ୍ଷସ। ସେଇଥିପାଇଁ ତ ଏହା ମନଷ୍ଟର ଟ୍ରକ ନାମରେ ବେଶ ପରିଚିତ। ଏହାର ମଣିଷଠାରୁ ଦୁଇଗୁଣା ଉଚ୍ଚା ଚକ ତ ବେଶ ଭୟଙ୍କର ଲାଗେ। ଏହି ମନଷ୍ଟର ଟ୍ରକ ଭିତରେ 'ବିଗଫୁଟ' ନାମକ ଏକ ମନଷ୍ଟର ଟ୍ରକ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ବଡ଼ ମନଷ୍ଟର ଟ୍ରକର ମାନ୍ୟତା ପାଇଛି। ୧୯୮୬ରେ ତିଆରି ଏହି ଟ୍ରକ ଆମେରିକା ସେଣ୍ଟ ଲୁଇସ୍‌ର ବବ୍ ଚାଣ୍ଡେଲିୟର୍‌ଙ୍କ ଦ୍ୱାରା ନିର୍ମିତ। ଏହି ଟ୍ରକର ଉଚ୍ଚତା ୧୫ ଫୁଟ ୬ ଇଞ୍ଚ। ଏହାର କେବଳ ଟାୟରର ଉଚ୍ଚତା ହେଉଛି ୧୦ ଫୁଟ। ଟ୍ରକର ଓଜନ ତିନୋଟି ଆଫ୍ରିକୀୟ ହାତୀର ଓଜନ ସହ ସମାନ। ଏବେ ଏହି ଟ୍ରକକୁ ବ୍ୟବହାର କରାଯାଉ ନାହିଁ। ସେଣ୍ଟ ଲୁଇସ୍‌ରେ ଏହା ଅଛି। ଲୋକାଲ ଶୋ'ରେ ବେଳେବେଳେ ଏହାକୁ ପ୍ରଦର୍ଶିତ କରାଯାଉଛି।